ବଲାଙ୍ଗିରରେ ଶୀତଳଷଷ୍ଠୀ ଯାତ୍ରା

# ଦେବଦମ୍ପତିଙ୍କ ବିବାହ ଉତ୍ସବରେ ଦୁଲୁକୁଛି ସହର





**ବଲାଙ୍ଗିର, ୧୦।୬(ସମିସ)**

ପବିତ୍ର ଶୀତଳଷଷ୍ଠୀ ଯାତ୍ରା ଅବସରରେ ସାଂସ୍କୃତିକ ଶୋଭାଯାତ୍ରାରେ ବଲାଙ୍ଗିର ଦୁଲୁକୁଛି। ଏହି ଅବସରରେ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ସହରର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିରର ଗାନ୍ଧିନଗରପଡ଼ା, ସୁଦପଡ଼ା, କଂସାରୀପଡ଼ା, ରାଧାରାଣୀପଡ଼ା, ଏବିଏସଏସ, ବିବିଏସଏସ, ପ୍ୟାଲେସ ଲାଇନ ଠାରେ ବେଶ ଉତ୍ସାହର ସହିତ ଏହି ଦେବ ଦମ୍ପତିଙ୍କ ବିବାହ ଉତ୍ସବ ପାଳିତ ହୋଇଯାଇଛି। ରବିବାର ବିବାହ ଉତ୍ସବ ପାଇଁ ଦେବ ନିମନ୍ତ୍ରଣ ସରିବା ପରେ ସୋମବାର ସନ୍ଧ୍ୟାରେ ମହାଦେବଙ୍କ ବରଯାତ୍ରୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ରାତିରେ ଦେବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି।

ବଲାଙ୍ଗିର ସହରରେ ଶୀତଳଷଷ୍ଠୀ ଯାତ୍ରା ପରମ୍ପରା ବେଶ ପୁରୁଣା। ସହରର ବିଭିନ୍ନ ସ୍ଥାନରେ ପ୍ରତିବର୍ଷ ଆଡମ୍ବର ସହ ମହାଦେବ ଓ ପାର୍ବତୀଙ୍କ ବିବାହ ଉତ୍ସବ ପାଳିତ ହୋଇଆସୁଛି। ଏହି ଉତ୍ସବରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ବର ଓ କନ୍ୟା ପିତାମାତା। ନିକଟସ୍ଥ ଶିବ ମନ୍ଦିରରୁ ବର ପିତାମାତା ଓ କନ୍ୟା ପିତାମାତା ପୂଜାର୍ଚ୍ଚନା ସହ ମହାଦେବ ଓ ପାର୍ବତୀଙ୍କୁ ପୃଥକ ଭାବେ ଘରକୁ ନେଇଥାନ୍ତି। ସେଠାରେ ସମ୍ପୂର୍ଣ୍ଣ ରୀତିନୀତିରେ ବିବାହ ଉତ୍ସବ ପାଳିତ ହୋଇଥାଏ। ଦେବ ନିମନ୍ତ୍ରଣ ଠାରୁ ଆରମ୍ଭ କରି ବରଯାତ୍ରୀ ଓ ଲେଉଟାଣି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଉତ୍ସାହର କରାଯାଇଥାଏ। ସୂଚନା ଅନୁସାରେ ଚଳିତ ବର୍ଷ ମଧ୍ୟ ପ୍ରତିବର୍ଷ ଭଳି ଗାନ୍ଧୀନଗରପଡ଼ା ଓ ସୁଦପଡ଼ା ବାସିନ୍ଦାଙ୍କ ପକ୍ଷରୁ ମିଳିତ ଭାବେ ଏହି ଯାତ୍ରା ଅନୁଷ୍ଠିତ ହେଉଛି। ଏଥର ପ୍ରଶାନ୍ତ ସେଠ ଓ ସ୍ତ୍ରୀ



ସୁଚରିତା ସେଠ ବର ପିତାମାତା ଦାୟିତ୍ୱ ତୁଲାଉଥିବା ବେଳେ ଗୋପାଳ ଷାଣ୍ଢ ଓ ତାଙ୍କ ସ୍ତ୍ରୀ ସଂଯୁକ୍ତା ଷାଣ୍ଢ କନ୍ୟା ପିତାମାତା ଦାୟିତ୍ୱ ତୁଲାଉଥିବା ଜଣାପଡ଼ିଛି। ସେହିପରି ପ୍ୟାଲେସ ଲାଇନରେ ଅନୁଷ୍ଠିତ ହେଉଥିବା ଶୀତଳ ଷଷ୍ଠୀ ଯାତ୍ରାରେ ସୁମିତ ପୁରୋହିତ ଓ ତାଙ୍କ ସ୍ତ୍ରୀ ପୟୋସ୍ୱିନୀ ପୁରୋହିତ ବର ପିତାମାତା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ସୁଦାମ ଦାସ ଓ ମୁନକି ରାଣୀ ଦାସ କନ୍ୟା ପିତାମାତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରତିବର୍ଷ କଂସାରୀପଡ଼ା ଓ ରାଧାରାଣୀପଡ଼ା ପକ୍ଷରୁ ମିଳିତ ଭାବେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ପାଳନ କରିଥାନ୍ତି। ଚଳିତ ବର୍ଷ ମଧ୍ୟ ମିଳିତ ଭାବେ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେଉଛି। ଏଥର ବର ପିତାମାତା ଦାୟିତ୍ୱ ମିଲୁ ନାୟକ ଓ ତାଙ୍କ ସ୍ତ୍ରୀ ସୋନାଲି ହୋତା ତୁଲାଉଥିବା ବେଳେ କନ୍ୟା ପିତାମାତା ଦାୟିତ୍ୱ ନାରାୟଣ ସ୍ୱାମୀ ନାଇଡୁ ଓ ସ୍ତ୍ରୀ ଶ୍ରୀଲତା ତୁଲାଉଛନ୍ତି। ସେହିପରି ବିବିଏସଏସ ପକ୍ଷରୁ ଅନୁଷ୍ଠିତ ହେଉଥିବା ଶୀତଳଷଷ୍ଠୀ ଯାତ୍ରାରେ ଗୁପ୍ତେଶ୍ୱର ପୃଷ୍ଟି ଓ ଅଞ୍ଜୁ ପୃଷ୍ଟି ବର ପିତାମାତା ହୋଇଥିବା ବେଳେ ଅଶୋକ ଦାସ ଓ ସାଧନା ଦାସ କନ୍ୟା ପିତାମାତା ଦାୟିତ୍ୱ ତୁଲାଉଛନ୍ତି। ଅନ୍ୟପକ୍ଷରେ ସହରର ଆଉ ଏକ ପୁରାତନ ଶୀତଳଷଷ୍ଠୀ ଯାତ୍ରା ଆୟୋଜକ କମିଟି ଏବିଏସଏସ ପକ୍ଷରୁ ମଧ୍ୟ ଉତ୍ସାହର ସହ ୩୬ତମ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ବର ପିତାମାତା ଦାୟିତ୍ୱ ଗୋପାଳ ବରାଇ ଓ ସ୍ତ୍ରୀ ସୁଷମା ବରାଇ ତୁଲାଉଥିବା ବେଳେ କନ୍ୟା ପିତାମାତା ଭାବେ ସନ୍ତୋଷ ପଟ୍ଟନାୟକ ଓ ସ୍ତ୍ରୀ ସ୍ୱସ୍ତିରେଖା ନାୟକ ଦାୟିତ୍ୱ ତୁଲାଉଛନ୍ତି। ସୋମବାର ବରପକ୍ଷ ବିଭିନ୍ନ ପାରମ୍ପରିକ ସାଂସ୍କୃତିକ ଦଳମାନଙ୍କ ସହିତ ବରଯାତ୍ରୀରେ କନ୍ୟାପକ୍ଷ ଘରେ ପହଞ୍ଚିଥିଲେ। ରାତ୍ରିରେ ମହାଦେବ ଓ ପାର୍ବତୀଙ୍କ ବିବାହ ଉତ୍ସବ ପାଳିତ ହୋଇଥିବା ବେଳେ ମଙ୍ଗଳବାର ମିଳିତ ଭାବେ କନ୍ୟାପକ୍ଷ ଘରେ ଉଭୟ ମହାଦେବ ଓ ପାର୍ବତୀ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ। ସେହିପରି ମଙ୍ଗଳବାର ରାତ୍ରିରେ ପୁଣି ଦେବ ଦମ୍ପତିଙ୍କ ଲେଉଟାଣୀ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ଦେଓଗାଁରେ ଶୀତଳଷଷ୍ଠୀ ଆଡ଼ମ୍ବର ସହକାରେ ପାଳିତ

**ଦେଓଗାଁ, ୧୦।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଯୋଗିସାଗର ସ୍ଥିତ ଯୋଗେଶ୍ୱର ମନ୍ଦିରରେ ଶିବ ବିବାହ ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଛି। ଶୀତଳଷଷ୍ଠି ଉତ୍ସବ ପରିଚାଳନା କମିଟୀ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିବାହୋତ୍ସବରେ ଏହିଦିନ ବୈଦିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ବାଜା ଓ ସଂକୀର୍ତ୍ତନ ଦଳ ଗ୍ରାମ ପରିକ୍ରମା କରି କନ୍ଧପାଲି ସ୍ଥିତ କନ୍ୟାପିତାଙ୍କ



ବାସଭବନକୁ ଶ୍ରୀ ଯୋଗେଶ୍ୱର ବାବାଙ୍କ ବରାନୁଗମନ ହେବାପରେ ସେଠାରେ ବୈଦିକ ରୀତିନୀତି ଅନୁସାରେ ବିବାହୋତ୍ସବ ସମ୍ପନ୍ନ ହୋଇଥିଲା। ପରେ ନବବିବାହିତ ଦେବ ଦମ୍ପତିଙ୍କ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ପ୍ରତିଭୋଜନ ସହ କାର୍ଯ୍ୟକ୍ରମ ସମ୍ପନ୍ନ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ। ଚଳିତ ବର୍ଷ ବରପିତାମାତା ଭାବେ କ୍ଷୀରୋଦ୍ର ସେଠ ଓ ତାଙ୍କ ପତ୍ନୀ ବିନୋଦିନୀ ସେଠ ଦାୟିତ୍ୱ ତୁଲାଇଥିବା ବେଳେ କନ୍ୟାପିତାମାତା ଭାବେ କନ୍ଧପାଲିପଡ଼ାର ମଗଶିର ସାହୁ ଓ ତାଙ୍କ ପତ୍ନୀ ଉଷା ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ସେପରୀ ପୂଜକଭାବେ ସନ୍ତୋଷ ନାୟକ(ଗୁଲୁ), ଯୋଗେଶ୍ୱର ବାବାଙ୍କ ପୂଜକ ରୁଦ୍ର ନାରାୟଣ ଥନାପତି ଦାୟିତ୍ୱ ତୁଲାଇଥିଲେ। କମିଟୀ ସଭାପତି ଘନଶ୍ୟାମ ବାରିକ, ସମ୍ପାଦକ ଚନ୍ଦ୍ରଚୂଡ଼ ବେହେରା, ସଭ୍ୟ ପ୍ରହଲ୍ଲାଦ ପାତ୍ର, ବିରେନ ଯୁଏଡ, ସୁରେନ ଯୁଏଡ, ଗୋବର୍ଦ୍ଧନ ଦଲାଇ, ଆଜେନ୍ଦ୍ର ସାହୁ, ଗୌରୀ ଶଙ୍କର ଥନାପତି, ସୁଦାମ ସାହୁ, ଭୋଳା ଶଙ୍କର ସାହୁ, ରୋହିତ ପନୁଆଁ ତଥା କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ଧୁମ୍‌ଧାମ୍‌ରେ ପାଳିତ ହେଲା ଶିବ-ପାର୍ବତୀଙ୍କ ବିବାହ



**ତୁଷୁରା, ୧୦।୬(ସମିସ):** ତୁଷୁରା ସ୍ଥିତ ମହାଦେବ ମନ୍ଦିରରେ ଖୁବ ଧୁମଧାମରେ ପାଳିତ ହେଉଛି ଶୀତଳଷଷ୍ଠୀ ମହୋତ୍ସବ ତଥା ଭଗବାନ ଶିବ-ପାର୍ବତୀଙ୍କ ବାହାଘର। ରୀତିନୀତି ଅନୁଯାୟୀ ଭଗବାନଙ୍କ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଗତ ୯ ତାରିଖ ମନ୍ଦିର କମିଟି ପକ୍ଷରୁ ଜଗନ୍ନାଥ, ହନୁମାନ, ସମଲେଶ୍ୱରୀ, ଗାୟତ୍ରୀ ମନ୍ଦିରରେ ଗୁଆ, ହଳଦୀ, ନଡିଆ ଦେଇ ଦେବ ନିମନ୍ତ୍ରଣ କରାଯାଇଥିଲା। ସୋମବାର ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ଦିନ ସକାଳ ୧୦ଟା ସମୟରେ ଗଣେସନ ମାଙ୍ଗଳିକ ଶ୍ରାଦ୍ଧ କରାଯାଇଥିବା ବେଳେ ଅପରାହ୍ଣ ୫ଟା ୩୦ରୁ ୬ଟା ୩୦ ମଧ୍ୟରେ ଅଳଙ୍କାର ଧାରଣ କରାଯାଇଥିଲା। ସନ୍ଧ୍ୟା ସମୟରେ ଘଣ୍ଟ, ଶଙ୍ଖ, ବାଦ୍ୟ, ଲୋକନୃତ୍ୟ ଓ ଡିଜେ ବାଜାରେ ବରାନୁ ଗମନ ହୋଇଥିଲା। ଏଥିରେ ଶତାଧିକ ଲୋକେ ଅଂଶଗ୍ରହଣ କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ପାରାୟଣ ସହିତ ଆଗରେ ମିନାବଜାର ଅନୁଷ୍ଠିତ ହୋଉଥିବା ବେଳେ ହଜାରହଜାର ଭକ୍ତଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଗୀତାଞ୍ଜଳି ସାହୁ ଏବଂ ଭକ୍ତ ରାମ ସାହୁ ବରପକ୍ଷ ହୋଇଥିବା ବେଳେ ଦେବକି ପ୍ରଧାନ ଏବଂ ସନ୍ତୋଷ ପ୍ରଧାନ କନ୍ୟାପକ୍ଷ ଭାବରେ ଦାୟିତ୍ୱ ବହନ କରିଛନ୍ତି।

## ଦିନରେ ଜଙ୍ଗଲ ଓ ରାତିରେ ବସ୍ତିମୁହାଁ ହାତୀପଲ

**ଦେଓଗାଁ, ୧୦।୬(ସମିସ):** ବଲାଙ୍ଗିର ଜିଲ୍ଲା ସଇଁନ୍ତଳା ବନାଞ୍ଚଳ ରେଞ୍ଜ ଅନ୍ତର୍ଗତ କନ୍ଧକେଲଗାଁ ଫରେଷ୍ଟ ସେକସନ୍ ଅନ୍ତର୍ଗତ ବହଲି, ସିଆଲବାହାଲି, କୁତୁର୍ଲା, ସାରସବାହାଲ, ମୁରସିଂହ, ଲଣ୍ଡାପଥର, କରୁଆଁଝର ଗ୍ରାମର ଗ୍ରାମବାସୀ ହାତୀପଲ ପାଇଁ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି। ଗତ ସପ୍ତାହ ହେଲା ପ୍ରାୟ ୧୨ ଟିକିଆ ହାତୀପଲ। ଏ ଅଞ୍ଚଳ ଆଖପାଖରେ ରହୁଥିବାବେଳେ ଜଙ୍ଗଲ ବିଭାଗ ଦୃଷ୍ଟି ଦେଉ ନଥିବା ନେଇ ଅଭିଯୋଗ ହେଉଛି। ଏପରିକି ହାତୀପଲ ଦିନରେ ନିକଟ ଜଙ୍ଗଲରେ ରହୁଥିବାବେଳେ ବିଳମ୍ବିତ ରାତିରେ ବସ୍ତି ଆଡ଼କୁ ଆସୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ହାତୀପଲର ଭୟ ଓ ଅନ୍ୟପଟେ ହାତୀପାଇଁ ବିଦ୍ୟୁତକାଟ୍ ଲୋକଙ୍କୁ ଅତିଷ୍ଠ କରିଦେଉଛି। ରବିବାର ରାତିରେ ହାତୀପଲ ମୁରସିଂହ ଗୁଞ୍ଜିମୁଡା ଦେଇ ବହଲି ଜଙ୍ଗଲ ପଟୁ ଗାଁର ଶେଷ ମୁଣ୍ଡରେ ପହଞ୍ଚି ଥିଲେ। ହାତୀପଲଙ୍କ ଗର୍ଜନ ଶୁଣି ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଥିଲେ। ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ ମଧ୍ୟ ଆମେ ହାତୀଙ୍କୁ ଘଉଡାଇବାପାଇଁ ଚେଷ୍ଟା କରୁଛୁ ବୋଲି କହିଥିବାବେଳେ କୌଣସି ବନ କର୍ମଚାରୀଙ୍କୁ ଦେଖିବାକୁ ମିଳିନଥିଲା। ଏ ସଂକ୍ରାନ୍ତରେ ଫରେଷ୍ଟର ଶୁଶିଲ ପୁଟାଙ୍କୁ ହାତୀପଲ ଗାଁ ମୁହାଁ ହୋଇଥିବା ଅଭିଯୋଗ ପରେ ମଧ୍ୟ କେହି ନ ଆସିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଉକ୍ତ ହାତୀପଲ ବହଲି ଗ୍ରାମର କିଛି ଚାଷୀଙ୍କ ଚାଷ ଓ କ୍ଷେତର ଅସ୍ଥାୟୀଘରକୁ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏ ଦିଗରେ ଜିଲ୍ଲା ବନଖଣ୍ଡ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ସଇଁତଳାରେ ବାରଟିକିଆ ହାତୀପଲ ଜନବସତିମୁହାଁ

**ସଇଁତଳା, ୧୦।୬(ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଳା ରେଞ୍ଜ ରଣୀମହୁଲ, ତାଲାବାହାଲ, କେରମେଲି ନିକଟସ୍ଥ ସଂରକ୍ଷିତ ଜଙ୍ଗଲକୁ ୧୫ ଦିନରୁ ଉର୍ଦ୍ଧ୍ୱ ହେଲା ବାରଗୋଟି ହାତୀପଲ ଆସିଛନ୍ତି। ଗତ୨ରୁ ୩ଦିନ ହେଲା ସଇଁତଳା ପଞ୍ଚାୟତର ଡୁମାଲପଡ଼ା, କେରମେଲି ପଞ୍ଚାୟତର ବାଗଯୋର, ଖର୍ଲିଜାନୀ ଜୁନାନୀମାଲ, କନ୍ଧନବାହାଲି ଅଞ୍ଚଳରେ କଦଳୀ ଚାଷ ହୋଇଥବା ଜମିରେ ପଶି କଦଳୀ ଗଛ, ଆମ୍ବଗଛ ପ୍ରଭୃତି ଭାଙ୍ଗିରୁଜି ଦେଇଛନ୍ତି। ଫଳରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଆତଙ୍କିତ ଅବସ୍ଥାରେ ରାତିସାରା ଚେଇଁ ଜଗି ରହୁଛନ୍ତି। ବନ ବିଭାଗକୁ ଖବର ଦେଲେ ମଧ୍ୟ ସେମାନେ ଉପସ୍ଥିତି ଜାହିର କରି ଚୁପ ରହୁଛନ୍ତି। ହାତୀ ଘଉଡ଼ାଇବାରେ ବନ ବିଭାଗ କୌଣସି ଠୋସ ପଦକ୍ଷେପ ନେଉନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ହାତୀ ଚଳାଚଳ କରୁଥିବା ଅଞ୍ଚଳରେ ଟିଟିଲାଗଡ଼ ସମ୍ବଲପୁର ରେଳଲାଇନ ତଥା ବରଗଡ଼-ବୋରିଗୁମ୍ମା ଜାତୀୟ ରାଜପଥ ରହୁଥିବାରୁ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଜଣେ ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁସାରେ ଥ ରେଲଲାଇନ ଉପରେ କିଛି ହାତୀପଲ ପାରି ହେଉଥିବା ଦେଖୁଥିବାବେଳେ ଉକ୍ତ ସମୟରେ କୌଣସି ଟ୍ରେନ ଆସୁନଥିବାରୁ ବଡ଼ ଦୁର୍ଘଟଣା ଘଟି ନ ଥିବା କହିଥିଲେ। ବନ ବିଭାଗ ତୁରନ୍ତ ହାତୀ ଘଉଡ଼ାଇବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି। ଏ ସମ୍ପର୍କରେ ସଇଁତଳା ଫରେଷ୍ଟର ଆଶୁତୋଷ ମହାକୁରଙ୍କୁ ପଚାରିବାରୁ ହାତୀପଲ ସଇଁତଳା ବନାଞ୍ଚଳ ତଥା ଦେଓଗାଁର କରୁଆଁଝର ଓ ନଡ଼ାପଥର ଗ୍ରାମ ଅଞ୍ଚଳରେ ଥିବା କହିଛନ୍ତି।



କୁଡାସିଂହା ପଞ୍ଚାୟତ

ସଶକ୍ତ ଓ ଉନ୍ନତ ଆମ ପଞ୍ଚାୟତ

# ମନରେଗାରେ ମିଳିଛି ସଫଳତା





**ବଲାଙ୍ଗିର, ୧୦।୬(ସମିସ)**

ବଲାଙ୍ଗିର ସଦର ବ୍ଲକ କୁଡାସିଂହା ଗ୍ରାମ ପଞ୍ଚାୟତ। ଏହି ପଞ୍ଚାୟତର ସରପଞ୍ଚ ଭାବେ ଜ୍ୟୋସ୍ନାରାଣୀ ସାହୁ ଗତ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇଥିଲେ। ଏହି ପଞ୍ଚାୟତ ଅଧିନରେ କୁଡାସିଂହା, ନୁଆପଡ଼ା,

*ଗାଁ କହୁଛି ବିକାଶର କଥା। ଗାଁରୁ ପଞ୍ଚାୟତ ସବୁଠି ସୁଦୃଢ ଓ ଉନ୍ନତ ଭିତ୍ତିଭୂମି ପୂରଣ କରିଛି ଲୋକଙ୍କ ଆଶା। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ପାନୀୟଜଳ ଯୋଗାଣଠାରୁ ଆରମ୍ଭ କରି ନାରୀ ଜାଗରଣ ସମସ୍ତ କ୍ଷେତ୍ରେରେ ସୁଧୁରିଛି ବ୍ୟବସ୍ଥା। ମାଁ ମାଟି ପାଇଁ କିଛି କରି ଦେଖାଇବାର ଲକ୍ଷ୍ୟ ନେଇ କର୍ତ୍ତବ୍ୟ ପଥରେ ଆଗେଇ ଚାଲିଛନ୍ତି ସରପଞ୍ଚ। ଏଭଳି କିଛି ସଫଳତାର କାହାଣୀକୁ ନେଇ 'ସକାଳ'ର ସ୍ୱତନ୍ତ୍ର ଉପସ୍ଥାପନା 'ସଶକ୍ତ ଓ ଉନ୍ନତ ଆମ ପଞ୍ଚାୟତ'।*

ସିରିଶ ଗାଁ ରହିଛି। ୧୧ ଟି ୱାର୍ଡକୁ ନେଇ ଗଠିତ ଏହି ପଞ୍ଚାୟତରେ ପ୍ରାୟ ୩୩୦୦ରୁ ଉର୍ଦ୍ଧ୍ୱ ଭୋଟର ରହିଛନ୍ତି। ପଞ୍ଚାୟତରେ ବସବାସ କରୁଥିବା ଲୋକେ ପ୍ରାୟତଃ ଦିନମଜୁରିଆ, କୁମ୍ଭାର ଓ ଚାଷକାମ ଉପରେ ନିର୍ଭର କରିଥାନ୍ତି। ଗତ ଅଢେଇ ବର୍ଷ ଭିତରେ ସଦର ବ୍ଲକରେ ଥିବା ଏହି ପଞ୍ଚାୟତରେ ଅନେକ ଉନ୍ନତିମୂଳକ କାମ ହୋଇପାରିଥିବା ସରପଞ୍ଚ ଜ୍ୟୋସ୍ନାରାଣୀ ସାହୁ କହିଛନ୍ତି। ସେ ନିର୍ବାଚିତ ହେବା ପରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରବା ସହ ସମୟସୀମା ଭିତରେ କାମ ସମ୍ପୂର୍ଣ୍ଣ କରିବାକୁ ଗୁରୁତ୍ୱ ଦେଇଥିବା ସରପଞ୍ଚ କହିଛନ୍ତି। କୁଡାସିଂହା ପଞ୍ଚାୟତକୁ ଏକ ବିକଶିତ ପଞ୍ଚାୟତ ଭାବେ ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହିକ୍ରମରେ ସେ ନିର୍ବାଚନ ସମୟରେ ନୁଆପଡ଼ା ଗାଁର ହଳଦୀଗୁଣ୍ଡି ବନ୍ଧ ଉନ୍ନତିକରଣ କରିବାକୁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମେ ଉକ୍ତ ପ୍ରତିଶ୍ରୁତି ପାଳନ କରିବା ଦିଗରେ ହଳଦୀଗୁଣ୍ଡ ବନ୍ଧର ପୁନଃରୁଦ୍ଧାର କାମ କରିଛନ୍ତି। ପରେ କୁଡାସିଂହା ଓ ନୁଆପଡ଼ା ଗାଁରେ ଆଲୋକୀକରଣକୁ ଗୁରୁତ୍ୱ ଦେଇଛନ୍ତି। ଗାଁର ଗଳି, ପଡ଼ା, ବସ୍ତି ମାନଙ୍କରେ ଷ୍ଟ୍ରିଟ୍ ଲାଇଟ ଲଗାଇଛନ୍ତି। ସେହିପରି ନୁଆପଡ଼ା ଗାଁକୁ କଂକ୍ରିଟ ରାସ୍ତା ନିର୍ମାଣ କରିଥିଲେ। ଲୋକଙ୍କ ଗାଧୋଇବା ପାଇଁ ସମସ୍ତ ଗାଁର ପୋଖରୀ ମାନଙ୍କରେ ଗାଧୁଆ ତୁଠ ଓ ପାହାଚ ନିର୍ମାଣ କରିଛନ୍ତି। ସେହିପରି ସିରିଶ ଗାଁର ସମସ୍ତ ପରିବାରକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। କୁଡାସିଂହା ଗାଁ ପ୍ରାଥମିକ ବିଦ୍ୟାଳୟର ଉନ୍ନତିକରଣ କରାଯାଇଥିବା ବେଳେ ସ୍କୁଲ ପାଚେରୀ ନିର୍ମାଣ କରାଯାଇଥିଲା। ସ୍କୁଲ ଛାତ୍ରଛାତ୍ରୀମାନେ ବାହାରେ ବସି ମଧ୍ୟାହ୍ନ ଭୋଜନ ଖାଉଥିବା ନଜର ପଡ଼ିବାରେ ସ୍କୁଲରେ ଏକ ଡାଇନିଂ ହଲର ମଧ୍ୟ ବ୍ୟବସ୍ଥା କରିଥିଲେ ସରପଞ୍ଚ ଜ୍ୟୋସ୍ନାରାଣୀ। ସେହିପରି କୁଡାସିଂହା ଠାରେ ଥିବା ଶିବ ମନ୍ଦିରକୁ ରାସ୍ତା ନିର୍ମାଣ କରାଯିବା ସହ ଗାର୍ଡୱାଲ ନିର୍ମାଣ କରାଯାଇଛି। ଗାଁ ସାପ୍ତାହିକ ବଜାରଠାରେ ପିଇବା ପାଣି ପାଇଁ ନଳକୂପ ଖନନ କରିବା ସହ ବଜାରର ଉନ୍ନତିକରଣ କରାଯାଇଛି। ଏହା ସହିତ ନିଜ ବ୍ୟକ୍ତିଗତ ଖର୍ଚ୍ଚରେ ସେଠାରେ ଲାଇଟ ଲଗାଇବାରେ ମଧ୍ୟ ସରପଞ୍ଚ ନିଜେ ବ୍ୟବସ୍ଥା କରିଥିବା କହିଛନ୍ତି। ମନରେଗା ଯୋଜନାର ସଫଳ ରୂପାୟନକୁ ସରପଞ୍ଚ ବିଶେଷ ଧ୍ୟାନ ଦେଇଥିବା କହିଛନ୍ତି। ଏହି ଯୋଜନାରେ ନୁଆପଡ଼ା ଗାଁରେ ଦଶରମୁଣ୍ଡାରେ ମାଟି ଉନ୍ନତିକରଣ କାମ କରାଯାଇଥିବା ବେଳେ ସିରିଶ ଗାଁ ଠାରେ ଏହି ଯୋଜନାରେ ପୋଖରୀ ମାଟି ଉନ୍ନତିକରଣ କରାଯାଇଥିଲା। ନୁଆପଡ଼ାରୁ ଫଟକରା ପର୍ଯ୍ୟନ୍ତ ରାସ୍ତା ଉନ୍ନତିକରଣ କରାଯାଇଥିବା ବେଳେ ଗାଁରେ ଥିବା ପୋଖରୀରେ ଅମୃତ ସରୋବର କାମ କରାଯାଇଥିବା ସରପଞ୍ଚ

### ୨୪ ଘଣ୍ଟାରେ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା

କହିଛନ୍ତି। ସେହିପରି ପଞ୍ଚାୟତରେ ବିଭିନ୍ନ ସମୟରେ ମୃତ୍ୟୁମୁଖରେ ପଡୁଥିବା ପରିବାର ଲୋକଙ୍କୁ ଭେଟି ସରପଞ୍ଚ ୨୪ ଘଣ୍ଟା ମଧ୍ୟରେ ହରିଶଚନ୍ଦ୍ର ଯୋଜନା ଅର୍ଥରାଶି ପ୍ରଦାନ କରୁଥିବା ଜଣାପଡ଼ିଛି। ଯାହାକି ତାଙ୍କୁ ଅନ୍ୟ ସରପଞ୍ଚମାନଙ୍କଠାରୁ ଭିନ୍ନ ପରିଚୟ ଦେଇପାରିଛି। ଆଗାମୀ ଦିନରେ କୁଡାସିଂହା ରୁ ସାହାଜବାହାଲ ପର୍ଯ୍ୟନ୍ତ ରାସ୍ତାର ଉଭୟ କଡରେ ବୃକ୍ଷରୋପଣ, ନୁଆପଡ଼ାରେ ଥିବା ବାଦି ବନ୍ଧର ଉନ୍ନତିକରଣ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସେହିପରି ପ୍ରତି ଗାଁରେ ବଳକା ରହିଥିବା ଯାଇଥିବା ଅଞ୍ଚଳକୁ ଆଲୋକିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। କୁଡାସିଂହା ଗାଁରେ ଗ୍ରାମ୍ୟ ପାର୍କ ନିର୍ମାଣ କରିବାକୁ ମଧ୍ୟ ସେ ଲକ୍ଷ୍ୟ ରଖିଥିବା ସରପଞ୍ଚ ଜ୍ୟୋସ୍ନାରାଣୀ ସାହୁ କହିଛନ୍ତି। ସାମଗ୍ରିକ ଭାବେ ପଞ୍ଚାୟତର ଉନ୍ନତିକୁ ଦୃଷ୍ଟିରେ ରଖି ସରପଞ୍ଚ ଗତ ଦୁଇ ବର୍ଷ ହେଲା କାମ କରିଆସୁଥିବା ବେଳେ ଆଗାମୀ ଦିନରେ ପଞ୍ଚାୟତ ପାଇଁ ଏହିଭଳି କିଛି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିବା ସେ କହିଛନ୍ତି।




## ଶିବ ବିବାହରେ ଦୁଲୁକିଲା ଯୋଗେଶ୍ୱର ପୀଠ

# ପ୍ରଥମ ଥର ପାଇଁ ନୂଆପଡ଼ାବାସୀ ହେଲେ ବର ପକ୍ଷ





**ନୂଆପଡ଼ା, ୧୦।୬(ସମିସ)**

ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଲୁଗୁଳିକୁ ଫିକା କରିଦେଇଛି ପବିତ୍ର ଶୈବ ପୀଠ ପତୋରାର ଶୀତଳ ଷଷ୍ଠୀ ଯାତ୍ରା। ସମଗ୍ର ପଶ୍ଚିମ ଓଡ଼ିଶାକୁ ଦୁଲୁକେଇ ଦେଇଛି ପତୋରାର ଶୀତଳ ଷଷ୍ଠୀ ଉତ୍ସବ। ସୋମବାର ପବିତ୍ର ଯୋଗେଶ୍ୱର ମନ୍ଦିରରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଯାକଯମକରେ ପାଳିତ ହୋଇଛି। ଏଥିରେ କନ୍ୟା ପକ୍ଷ ଥିଲେ ସାରାବଙ୍ଗର କମଲେସ ଦୀକ୍ଷିତଙ୍କ ପରିବାର। ନୂଆପଡ଼ାର ନିଖିଳ ଠାକୁର ବରପକ୍ଷ ହେବାର ସୌଭାଗ୍ୟ ପାଇଥିଲେ। ବିବାହ ପାଇଁ ରବିବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପତୋରା ମନ୍ଦିରରୁ ପୂଜାର୍ଚ୍ଚନା ପରେ ଶିବଙ୍କ ପ୍ରତିମୂର୍ତ୍ତିକୁ ନୂଆପଡ଼ାକୁ ଅଣାଯାଇଥିଲା। ନୂଆପଡ଼ାରେ ରାତିରେ ହଳଦୀ, ଗନସନ ହୋଇଥିଲା। ଏଥିରେ ନୂଆପଡ଼ା ସହର ସମେତ ଆଖପାଖ ଗାଁର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସୋମବାର ସକାଳୁ ନୂଆପଡ଼ାରୁ ବରାନୁଗମନ ଆରମ୍ଭ ହୋଇଥିଲା। ବାଟରେ ଗୋଡତର, ସାରାବଙ୍ଗ ଗାଁ ନିକଟରେ ଭବ୍ୟ ସ୍ୱାଗତ କରାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ପତୋରା ଯୋଗେଶ୍ୱର ପୀଠରେ ଯାଇ ସମସ୍ତେ ପହଞ୍ଚିଥିଲେ। ସେଠାରେ କନ୍ୟା ପକ୍ଷ ତରଫରୁ ବାଜା ରୋଶଣୀ ସହ ସ୍ୱାଗତ କରାଯାଇଥିଲା। ବେଦୀରେ ଠିକ୍ ସମୟରେ ପହଞ୍ଚିବା ପରେ ଠିକ୍ ଦିନ ୧୨ଟାବେଳେ ବିବାହ ପାଣି ଗ୍ରହଣ ହୋଇଥିଲା। ଏଥିରେ ଯୋଗେଶ୍ୱର ମନ୍ଦିର ଟ୍ରଷ୍ଟ ସଭାପତି ମୁରଲୀଧର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ଢୋଲକିଆ, ଜିଲ୍ଲା ଓକିଲ ସଂଘ ସଭାପତି ସିନ୍ଟୁ ବୋଧଙ୍କର, ସିଭିଲ ବାର ଆସୋସିଏସନ ସଭାପତି ସୁଶାନ୍ତ ପତି, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ସାମ୍ବାଦିକ ସଂଘ ଜାନର ସଭାପତି ଘନଶ୍ୟାମ ଭୋଇଙ୍କ ସମେତ ବହୁ ଅତିଥି ଯୋଗ ଦେଇଥିଲେ। ବିବାହ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଯୋଗେଶ୍ୱର ମନ୍ଦିର ଟ୍ରଷ୍ଟ ତରଫରୁ ସମ୍ପାଦକ ଭାନୁ ଦଣ୍ଡସେନା, କୋଷାଧ୍ୟକ୍ଷ କେଶରୀ ଜୈନ, ଭରତଲାଲ ରାଉତ, ସୁରେଶ ଅଗ୍ରୱାଲ, ଜଗଦୀଶ ସାହୁ, ସୋନୁ ଦୀକ୍ଷିତ, ସ୍ଥାନୀୟ ସରପଞ୍ଚ ଭୁବନେଶ୍ୱରୀ ଦଣ୍ଡସେନା, ମୋତିଲାଲ ଉଜିର, ନୂଆପଡ଼ା ସହରବାସୀଙ୍କ ତରଫରୁ ଡ. କମଳ ପଣ୍ଡା, ଲୋକନାଥ ରଥ, ପୂଜକ ଅକ୍ଷୟ ରଥ, ରାମ ରଥ, ଓକିଲ ସଂଘ, ନୂଆପଡ଼ାର ମହିଳା ସଂଗଠନ ତରଫରୁ ଯାଜ୍ଞସେନି ମହାପାତ୍ର, ସଂଗୀତା ପାରଖ, ପ୍ରତିଭା ହୋତା, ସୀମାଳିନୀ ପଣ୍ଡାଙ୍କ ସମେତ ବହୁ ମହିଳାଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଶିବ-ପାର୍ବତୀଙ୍କ ବିବାହ ପାଇଁ ଚଳଚଞ୍ଚଳ ସହର



**କେସିଙ୍ଗା, ୧୦।୬(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ମଧ୍ୟ ଭାଗରେ ଅବସ୍ଥିତ ବୁଢ଼ା ଡଙ୍ଗର ପାହାଡ଼ ଉପରେ ଅବସ୍ଥିତ ଧବଳେଶ୍ୱର ପୀଠରେ ରୀତିନୀତି ଅନୁଯାୟୀ ମହା ଆଡ଼ମ୍ବରରେ ଶିବ ପାର୍ବତୀ ବିବାହ ଅନୁଷ୍ଠିତ ହେଉଛି। ବରପକ୍ଷ ଓ କନ୍ୟାପକ୍ଷ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ସହ ସୋମବାର ସକାଳୁ ସକାଳୁ ରୀତିନୀତି ଆରମ୍ଭ ହୋଇଛି। ବର ପକ୍ଷ ୧୦ନଂ ୱାର୍ଡର ମାଆ ଭଉଣୀ ଓ ଭକ୍ତ ମାନେ ବାଜା, ଡିଜେ, ଘଣ୍ଟ ଓ ଶଙ୍ଖ ଧ୍ୱନିରେ କେସିଙ୍ଗାର ଇଷ୍ଟ ଦେବୀ ମା' ବୁଢ଼ା ଡଙ୍ଗର ମନ୍ଦିର ଯାଇ ହଳଦୀ ଗନସନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ପରେ ସନ୍ଧ୍ୟାରେ ମହାଦେବଙ୍କ ବରାନୁଗମନ୍ କାର୍ଯ୍ୟକ୍ରମରେ ସହରର ଆବାଳ ବୃଦ୍ଧବନିତା ବରଯାତ୍ରୀରେ ଯାଇ ମା' ପାର୍ବତୀଙ୍କୁ ଆଣିବାକୁ ଯାଇଥିଲେ। ବର ପକ୍ଷ ଓ କନ୍ୟା ପକ୍ଷରୁ ସମସ୍ତ ବରଯାତ୍ରୀ ଓ ଭକ୍ତମାନଙ୍କ ପାଇଁ ସ୍ୱାଦିଷ୍ଟ ଭୋଜନର ସୁବ୍ୟବସ୍ଥା କରାଯାଇଥିଲା। ମହାଦେବ ଓ ମା' ପାର୍ବତୀଙ୍କ ଜୟକାରରେ ସାରା ଧବଳେଶ୍ୱର ପୀଠ କମ୍ପି ଉଠିଥିଲା।

# ବିଜୟୱାଡ଼ାରେ ଦୁଇ ପ୍ରବାସୀ ଓଡ଼ିଆଙ୍କ ମୃତ୍ୟୁ

**ସିନାପାଲି, ୧୦।୬(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଞ୍ଚଳର ଦୁଇ ଜଣ ଯୁବକଙ୍କ ଆନ୍ଧ୍ରପ୍ରଦେଶର ବିଜୟୱାଡାରେ ସନ୍ଦେହଜନକ

- ରେଳ ଧାରଣା ନିକଟରୁ ମିଳିଲା ଶବ
- ପାରିପାର୍ଶ୍ୱିକ ପରିସ୍ଥିତିରୁ ହତ୍ୟା ସନ୍ଦେହ
- ଆଜି ଗାଁକୁ ଫେରିବ ମୃତଦେହ
- ତିଲେଇମାଳ, ଦର୍ଲିପଡ଼ାରେ ଶୋକର ଛାୟା



ମୃତ୍ୟୁ ଘଟିଛି। ଏହି ଦୁଇ ଯୁବକ ହେଲେ ଝାରବନ୍ଧ ଗ୍ରାମ ପଞ୍ଚାୟତ ତିଲେଇମାଳ ଗ୍ରାମର ଜଗଦୀଶ ସିଂବାବୁ (୨୨) ଓ କେନ୍ଦୁମୁଣ୍ଡା ପଞ୍ଚାୟତ ଦର୍ଲିପଡ଼ା ଗ୍ରାମର ଈଶ୍ୱର ବଘେଲ (୨୦)। ତେବେ ପାରିପାର୍ଶ୍ୱିକ ପରିସ୍ଥିତିରୁ ସେମାନଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ଉପୁଜିଛି। ଖବର ପାଇ ଉଭୟଙ୍କ ପରିବାର ଲୋକେ ଶବ ଆଣିବାକୁ ବିଜୟୱାଡ଼ା ଯାଇଛନ୍ତି।

ଜଗଦୀଶ ଓ ଈଶ୍ୱର ଗତ ମାର୍ଚ୍ଚରେ ବିଜୟୱାଡ଼ା ଯାଇଥିଲେ। ସେଠାରେ ଏକ ମିଠା କମ୍ପାନୀରେ ଉଭୟ କାମ କରୁଥିଲେ। ସହର ନିକଟ ରେଳ ଧାରଣା ନିକଟରୁ ଉଭୟଙ୍କ ମୃତଦେହ ମିଳିବା ପରେ ସେଠାକାର ରେଳବାଇ ପୁଲିସ ଘଟଣାର ତଦନ୍ତ କରୁଛି। କେଉଁ ପରିସ୍ଥିତିରେ ରେଳ ଧାରଣା ନିକଟରେ ମୃତ୍ୟୁ ଘଟିଛି ତାହା ସନ୍ଦେହ ସୃଷ୍ଟି କରିଛି। ରେଳ ଧାରଣା ନିକଟରେ ଦୁଇ ଜଣଙ୍କ ଚପଲ ଓ ବ୍ୟାଗ ସୁରକ୍ଷିତ ସ୍ଥାନରେ ରହିଥିବାରୁ ଘଟଣାକୁ ଆହୁରି ରହସ୍ୟ କରୁଛି। ଯଦି ଏମାନେ ଘରକୁ ଫେରୁଥିଲେ ତେବେ ଷ୍ଟେସନ ନିକଟରେ ନ ରହି ଆଗକୁ କେମିତି ଚାଲିଗଲେ ବୋଲି ଅନେକ ପ୍ରଶ୍ନ ଉଙ୍କି ମାରୁଛି। ଏହି ଘଟଣାର ଫଟୋ ସାମାଜିକ ଗଣମାଧ୍ୟରେ ଭାଇରାଲ ହେବା ପରେ ସେମାନଙ୍କ ଜଣେ ସମ୍ପର୍କୀୟ ଉଭୟଙ୍କ ଗାଁକୁ ଫୋନ୍ କରି ଜଣାଇଥିଲେ। ଏହି ଖବର ଶୁଣି ଉଭୟଙ୍କ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମଙ୍ଗଳବାର ଗାଁକୁ ଶବ ପହଞ୍ଚିବ।

ସୂଚନାଯୋଗ୍ୟ, ସିନାପାଲି ବ୍ଲକ ଅଞ୍ଚଳ ଏକ ଦାଦନ ପ୍ରବଣ ଅଞ୍ଚଳ। କେତେବେଳେ ନିର୍ଯାତନା ତ ଆଉ କେତେବେଳେ ଶୋଷଣ ସାଙ୍ଗକୁ ମୃତ୍ୟୁର ସାମ୍ନା କରିବାକୁ ପଡୁଛି। ତଥାପି ଅଞ୍ଚଳର ଲୋକେ ବାହାର ରାଜ୍ୟକୁ କାମ କରିବାକୁ ଯାଉଛନ୍ତି। ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିବା ଚିନ୍ତାରେ ଘର ଛାଡୁଛନ୍ତି ସିନା ଗାଁକୁ ଶବ ଫେରୁଛି।

# ବ୍ଲକ୍ ଅଧ୍ୟକ୍ଷା ପଦରୁ ମନୋରମା ମହାନ୍ତିଙ୍କ ଇସ୍ତଫା

**ନର୍ଲା, ୧୦।୬(ସମିସ):** ନର୍ଲା ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟିକା ମନୋରମା ମହାନ୍ତି ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦରୁ ଇସ୍ତଫା ଦେଇଛନ୍ତି। ଏହାଛଡ଼ା ସେ କର୍ମେ ପଞ୍ଚାୟତର ସମିତି

- ବିଧାୟିକାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା

ସଭ୍ୟା ପଦରୁ ମଧ୍ୟ ଇସ୍ତଫା ପ୍ରଦାନ କରିଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ବିଡିଓ ରିପୁନାଥ ସୁନାଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ନର୍ଲା ସରପଞ୍ଚ ସଂଘ ପକ୍ଷରୁ ଏକ ଭବ୍ୟ ସମ୍ବର୍ଦ୍ଧନା ସମାରୋହରେ ଶ୍ରୀମତୀ ମହାନ୍ତିଙ୍କୁ ତାଙ୍କର ବିଜୟ ପାଇଁ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି। ଶ୍ରୀମତୀ ମହାନ୍ତି ତାଙ୍କର ଅଭିଭାଷଣରେ ବ୍ଲକ ଅଧ୍ୟକ୍ଷା ଭାବରେ ଦୀର୍ଘ ବର୍ଷ ଧରି ତାଙ୍କୁ ସୁଯୋଗ ଦେଇଥିବାରୁ ସେ ନର୍ଲା ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବର୍ତ୍ତମାନ






ତାଙ୍କୁ ନର୍ଲା ନିର୍ବାଚନ ମଣ୍ଡଳୀର ବିଧାୟିକା ଭାବରେ ନିର୍ବାଚିତ କରି ତାଙ୍କ କାର୍ଯ୍ୟକ୍ଷେତ୍ରର ପରିସୀମା ନିର୍ବାଚନମଣ୍ଡଳୀ ବାସୀ ବୃଦ୍ଧି କରିଛନ୍ତି। ଏହା ତାଙ୍କ ପାଇଁ ଗୁରୁଦାୟିତ୍ୱ ବହନ କରୁଛି। ଏହି ଦାୟିତ୍ୱ ତୁଲାଇବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିବା ସହ ତାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରିଥିବାରୁ ବିଜୁ ଜନତା ଦଳର ମୁଖ୍ୟ ନବୀନ ପଟ୍ଟନାୟକ ତଥା ନର୍ଲା ନିର୍ବାଚନମଣ୍ଡଳୀର ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀମତୀ ମହାନ୍ତିଙ୍କୁ ତାଙ୍କର ନୂତନ ଦାୟିତ୍ୱ ପାଇଁ ବିଡିଓ ଶ୍ରୀ ସୁନାଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ, ନର୍ଲା ପ୍ରେସ କ୍ଲବର ସଦସ୍ୟ ତଥା ସମସ୍ତ ସରପଞ୍ଚ, ସମିତି ସଭ୍ୟ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ନର୍ଲା ବ୍ଲକ ସରପଞ୍ଚ ସଂଘ ସଭାପତି ଅନନ୍ତ ରାମ ମାଝୀ, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ବାଗପୁର ସରପଞ୍ଚ ଗୋପାଳକୃଷ୍ଣ ହାତୀ, ସକାଳ ପ୍ରତିନିଧି ସୁଶାନ୍ତ ଚାନ୍ଦ, ଅଭିରାମ ନନ୍ଦ, ନିଳକଣ୍ଠ ବେହେରା ପ୍ରମୁଖ ଶ୍ରୀମତୀ ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନୂଆଗାଁରେ ୭ ଦିନ ହେଲା ଜଳ ଯୋଗାଣ ପ୍ରଭାବିତ

**କୋମନା, ୧୦।୬(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ନୂଆଗାଁରେ ଗତ ୭ ଦିନ ହେଲା ନିୟମିତ ଜଳ ଯୋଗାଣ ହେଉନି। ୨ ଦିନରେ ଥରେ ଲୋକଙ୍କୁ ପାଣି ମିଳୁଛି। ଅଭିଯୋଗ କଲେ ମୋଟର ଖରାପ ଅଛି। ଆଜି ହେବ କାଲି

- ୨ ଦିନରେ ଥରେ ମିଳୁଛି ପାଣି
- ଅଭିଯୋଗ କଲେ ମୋଟର ଖରାପ ଅଛି ବୋଲି ଉତ୍ତର
- ୭ ନଳକୂଅରୁ ଫ୍ଲୋରାଇଡ୍ ମିଶା ପାଣି ବାହାରୁଛି



ହେବ କହି ବିଭାଗ ଦିନ ଗଡେଇ ଚାଲିଛି। ଅବଶ୍ୟ ୧୩୦୦ ଲୋକଙ୍କ ଲାଗି ଏଠାରେ ୭ଟି ନଳକୂଅ ରହିଛି। ଅନେକ ନଳକୂଅରେ ଫ୍ଲୋରାଇଡ ବାହାରୁଥିବାରୁ ଏସବୁର ପାଣି ପିଇବା ଉପଯୋଗୀ ନୁହେଁ। ଅନେକ ନଳକୂଅରେ ପାଣି ବି ବାହାରୁ ନାହିଁ। ଜିଲ୍ଲାରେ ଏବେ ତାପମାତ୍ରା ୪୨ ଡିଗ୍ରୀ ସେଲସିୟସ ଉପରେ ରହୁଛି। ଦିନରାତି ଗୁଲୁଗୁଳି ଅନୁଭବ ହେଉଛି। ଏଭଳି ସ୍ଥିତିରେ ପିଇବା ପାଣି ବୁନ୍ଦାଏ ମିଳୁନାହିଁ। ନୂଆଗାଁରେ ଜଳ ଯୋଗାଣ ପ୍ରକଳ୍ପ ହେଲା ଦିନଠୁ କିଛି ନା କିଛି ସମସ୍ୟା ଲାଗି ରହୁଛି। କେତେବେଳେ ମଟର ଖରାପ ହେଉଛି ତ କେତେବେଳେ ବିଦ୍ୟୁତ୍ ସମସ୍ୟା ଦେଖା ଦେଉଛି। ଗ୍ରାମବାସୀଙ୍କୁ ନିରବଚ୍ଛିନ୍ନ ଜଳଯୋଗାଣ ହେଇପାରୁନି। ପମ୍ପ ଡ୍ରାଇଭର ମଧ୍ୟ ଠିକ୍ ସମୟରେ ପାଣି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଥାଶିଘ୍ର ସସସ୍ୟାର ସମାଧାନ କରିବାକୁ ନୂଆଗାଁ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଏ ନେଇ କୋମନା ଜଳ ପରିମଳ ବିଭାଗ ଯନ୍ତ୍ରୀ ଭଗବାନ ସେଠୀଙ୍କୁ ପଚାରିବାରୁ ମଙ୍ଗଳବାର ଗ୍ରାମରେ ୨ଟି ନଳକୂଅକୁ ମରାମତି କରାଯିବ। ପାନୀୟ ଜଳ ପ୍ରକଳ୍ପକୁ ଜଳ ଯଥେଷ୍ଟ ମିଳୁ ନ ଥିବାରୁ ୨ ଦିନରେ ଥରେ ଦିଆଯାଉଛି। ବର୍ଷା ଦିନେ ଠିକ୍ ହୋଇଯିବ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି।

## ଅଖିଳ ଭାରତୀୟ ଅଘରିଆ ସମାଜର ବୈଠକ





**ଗୋଲାମୁଣ୍ଡା, ୧୦।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚିଚିଆଠାରେ ଅଖିଳ ଭାରତୀୟ ଅଘରିଆ ସମାଜ ଓଡ଼ିଶା ପ୍ରଦେଶକୁ ନେଇ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ଲକ୍ଷ୍ୟ ସୁସ୍ଥ ସମାଜ ଆଦର୍ଶ ସମାଜ ଗଠନରେ ପାରସ୍ପରିକ ବିଶ୍ୱାସ ଆଉ ଭଲପାଇବାର ଖୋରାକ ଅପରିହାର୍ଯ୍ୟ। ଏକତାର ସୂତ୍ର ଜାତିର ପ୍ରଗତି, ସାମାଜିକ ରୀତିନୀତି ପରମ୍ପରାକୁ ବଜାୟ ରଖିବା ସହ ସୁଃଖ ଦୁଃଖରେ ଉପସ୍ଥିତ ରହି ସହଯୋଗ କରିବା ମାଟିର ଗୌରବ। ସେହି ପରମ୍ପରାକୁ ହୃଦୟଙ୍ଗମ କରି ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୋଲାମୁଣ୍ଡା ଆଞ୍ଚଳିକ ୮୪ ବର୍ଗ ଅଘରିଆ ସଂପ୍ରଦାୟର ସର୍ବସମ୍ମତି କ୍ରମେ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଉକ୍ତ ସଭାରେ ସଭାପତି ଭାବରେ ସୁଜନ ଅଘରିଆ, ଉପସଭାପତି ହରିଶଙ୍କର ଅଘରିଆ, ସାଧାରଣ ସଂପାଦକ ବଂଶୀଧର ପଟେଲ, ରାଜ୍ୟ ଉପସଭାପତି ବୈକୁଣ୍ଠ ପଟେଲ, ରାଜ୍ୟ ଉପ ନିର୍ବାଚନ ଅଧିକାରୀ ପ୍ରଦୀପ ପଟେଲ, ଜିଲ୍ଲା ମହିଳାମଣ୍ଡଳ ସଭାନେତ୍ରୀ ଯଶୋବନ୍ତି ପଟେଲଙ୍କୁ ଚୟନ କରାଯାଇଛି। ସଭାରେ ସମସ୍ତ ଅଘରିଆ ସମ୍ପ୍ରଦାୟ ଲୋକେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମହଗାଁ ମା' ମଙ୍ଗଳା ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ

**ସିନାପାଲି, ୧୦।୬(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ମହଗାଁରେ ନବ ନିର୍ମିତ ମାଁ ମଙ୍ଗଳା ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମରେ ଲମ୍ବୋଦର ନିଆଲ ଯୋଗ ଦେଇଥିଲେ। ରୀତିନୀତି ଅନୁସାରେ ପୂଜା ଅର୍ଚ୍ଚନାରେ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦାକିନୀ ବଘେଲ, ଯୀଶୁରାମ ବୈଠାରୁ, ସୁରେଶ ବୈଠାରୁ ପ୍ରମୁଖ ଉପସ୍ଥିତ ଥିଲେ।



## ପରିବେଶ ସଚେତନତା ସଭା

**କୋମନା, ୧୦।୬(ସମିସ):** ସ୍ଥାନୀୟ କୋମନା ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ପରିବେଶ ସଚେତନତା ସଭା ଆୟୋଜିତ ହୋଇଯାଇଛି। ବର୍ତ୍ତମାନର ଅସନ୍ତୁଳିତ ପରିବେଶ ସହ ଅସହ୍ୟ ଗରମର କାରଣ ଓ ତାହାର ପ୍ରତିକାର ବିଷୟରେ ଆଲୋଚନା କରାଯାଇଥିଲା। କୋମନା ତଥା ପାଖାପାଖି ଅଞ୍ଚଳରେ ଚାରା ରୋପଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ସାଗର ଠେଲାଙ୍କ ଆହ୍ୱାହନରେ ସଭା ଆୟୋଜିତ ହୋଇଥିଲା। ଗୌତମ ଦୁରିଆ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ। ଦିନେଶ ନାୟକ, କୈବଲ୍ୟ ଦୀପ, ସଞ୍ଜୁ ତାଣ୍ଡି, ରାହୁଲ ଭୋଇ, ଅନୁପ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



# ଲୋକେ ପିଉଛନ୍ତି ବିଷାକ୍ତ ପାଣି

## ପାଇପ୍ ପାଣିରେ ପକ୍ଷୀଙ୍କ ପର ଓ ପଚା ମାଂସ

**ନର୍ଲା, ୧୦।୬(ସମିସ)**

ଗାଁ ଗାଁରେ ନଦୀ ନାଳରେ ଇନଟେକ୍ କୁଅ ଓ ଓଭରହେଡ୍ ଟାଙ୍କି ତିଆରି କରି ପାଇପ୍ ଯୋଗେ ପ୍ରତି ପରିବାରକୁ ପାନୀୟ ଜଳ ଯୋଗାଣ ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା ହୋଇଛି। ହେଲେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ତଥା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁଁ ନର୍ଲା ଅଞ୍ଚଳରେ ଜଳଯୋଗାଣ କ୍ଷେତ୍ରରେ ଅନେକ ତ୍ରୁଟୀବିଚ୍ୟୁତି ଦେଖାଦେଇଛି। ଲୋକଙ୍କୁ ବିଷାକ୍ତ ପାଣି ମିଳୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ନର୍ଲା ବ୍ଲକରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରେ ଦୁଇ ଜଣ କନିଷ୍ଠ ଯନ୍ତ୍ରୀଙ୍କ ସହ ପ୍ରତି ପଞ୍ଚାୟତରେ ଜଣେ ଲେଖାଏଁ ଏସଇଏମ୍ ରହିଛନ୍ତି। ଜଳଯୋଗାଣ ପ୍ରକଳ୍ପର ରକ୍ଷଣାବେକ୍ଷଣ ଓ ପାନୀୟ ଜଳ ପରିଚାଳନା ଦାୟିତ୍ୱ ପଞ୍ଚାୟତ ହାତରେ ରହିଛି। ଜଳଯୋଗାଣ ପ୍ରକଳ୍ପର ମରାମତି ଓ ଜଳ ବିଶୁଦ୍ଧିକରଣ ପାଇଁ ସ୍ୱତନ୍ତ୍ର ଭାବରେ ଅନୁଦାନ ମଧ୍ୟ ଦିଆଯାଉଛି। ହେଲେ ଜଳଯୋଗାଣ ଓ ପରିମଳ ବ୍ୟବସ୍ଥା ପ୍ରତି କାହାରି ଗୁରୁତ୍ୱ ଥିବା ପରି ମନେ ହେଉନାହିଁ। ପାଇପ୍ ମାଧ୍ୟମରେ ଯୋଗାଇ ଦିଆଯାଉଥିବା ପାଣିରେ ପକ୍ଷୀଙ୍କ ପର, ପଚା ମାଂସ ଆସୁଥିବା ସର୍ଗିଗୁଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଲୋକଙ୍କର ପଞ୍ଚାୟତ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉପରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେଉଛି। ଏନେଇ ବିଭାଗୀୟ ଯନ୍ତ୍ରୀ ପ୍ରଭାତ କୁମାର ସେଠୀ ସ୍ପଷ୍ଟୀକରଣ ଦେବା ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଦୁର୍ଭାଗ୍ୟଜନକ ଭାବରେ ଉକ୍ତ ପାଣି ଟାଙ୍କିରେ ପକ୍ଷୀ ରହିଯାଇଥିଲା। ଯାହାକୁ ଆମେ ଟାଙ୍କି ଓ ସମସ୍ତ ପାଇପକୁ ସଫାକରି ଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରୁଛୁ। ଏହାସହ ଦାୟିତ୍ୱରେ ଥିବା ଏସଇଏମ୍ ମାନଙ୍କୁ ତାଗିଦ୍ କରିଛୁ ବୋଲି ସେ କହିଛନ୍ତି। ସାଧାରଣ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଆମର ପ୍ରାଥମିକତା ଓ ତାହାର କୌଣସି ପ୍ରକାରେ ଖିଲାପ ହେବନାହିଁ ବୋଲି ସେ କହିଛନ୍ତି।



# ସିନାପାଲିରେ ପାଣି ସମସ୍ୟା ନେଇ ବିଡିଓଙ୍କୁ ଫେରାଦ

**ସିନାପାଲି, ୧୦।୬(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ସହରରେ ପାନୀୟ ଜଳ ସମସ୍ୟା ନେଇ ସ୍ଥାନୀୟ ବିଡ଼ିଓଙ୍କୁ ସହରର ମହିଳାମାନେ ଫେରାଦ ହୋଇଛନ୍ତି। ସୋମବାର ପୂର୍ବାହ୍ନ ୧୧ଟାରେ ସିନାପାଲି ସହରର ମହିଳାମାନେ ଏକତ୍ରିତ ହୋଇ ବିଡ଼ିଓଙ୍କ ନିକଟରେ ପହଞ୍ଚିଥିଲେ। ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଦାବି ଜଣାଇଥିଲେ। ତୁରନ୍ତ ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ନୂଆପଡ଼ା ଜିଲ୍ଲାର ସିନାପାଲି ଏକ ଜନବହୁଳ ସହର। ଏଠାରେ ପ୍ରାୟ ୧୦ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ସହରରେ ୧୪ଟି ୱାର୍ଡ ରହିଛି। ସିନାପାଲି ସହରର ବସଷ୍ଟାଣ୍ଡ ଓ ମହୁଲ ଗଛେନ ଗୁଡ଼ି ପଡ଼ା (ସା ପଡ଼ା)କୁ ଜଳ ଯୋଗାଣ କରିବା ପାଇଁ ଉଦନ୍ତୀ ନଦୀରେ ପ୍ରକଳ୍ପ ନିର୍ମାଣ କରାଯାଇଛି; ହେଲେ କିଛି ପଡ଼ାକୁ ପାଣି ଯୋଗାଣ ହେଉଥିବା ବେଳେ ବସଷ୍ଟାଣ୍ଡ ପଡ଼ା ଓ ଗୁଡ଼ିପଡ଼ାକୁ ଜଳ ଯୋଗାଣ ହୋଇପାରୁ ନାହିଁ। ଗୁଡ଼ିପଡ଼ା ନିକଟରେ ଗୋଟିଏ ନଳକୂପ ଉପରେ ଲୋକେ ନିର୍ଭର କରୁଛନ୍ତି। ଏହି ନଳକୂପରୁ ପର୍ଯ୍ୟାପ୍ତ ପାଣି ବାହାରୁନି। ଦୂଷିତ ପାଣି ବାହାରୁଛି; ଯାହା ପିଇବା ଅନୁପଯୋଗୀ। ଏହି ସମସ୍ୟା ନେଇ ବାରମ୍ବାର ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି; ହେଲେ କୌଣସି ସୁଫଳ ମିଳିନି। ସ୍ଥାନୀୟ ଜଳଯୋଗାଣ ବିଭାଗର ଆନ୍ତରିକତା ଅଭାବ ଯୋଗୁଁ ଏଭଳି ଅବ୍ୟବସ୍ଥା ହେଉଥିବା ସ୍ଥାନୀୟ ପଡ଼ାର ଲୋକେ ଅଭିଯୋଗ କରିଛନ୍ତି।

ସିନାପାଲି ସହରକୁ ଯେଉଁ ପ୍ରକଳ୍ପରୁ ପାଣି ଯୋଗାଣ ହେଉଛି ସେଠାରେ ବସା ଯାଇଥିବା ମୋଟର ଉଚ୍ଚ କ୍ଷମତା ସମ୍ପନ୍ନ ହୋଇ ନ ଥିବା ବେଳେ ଏଭଳି ଅବ୍ୟବସ୍ଥା ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଯୁଗେନପଦରସ୍ଥିତ ଉଦନ୍ତୀ ନଦୀରୁ ହେଉଥିବା ଜଳ ଯୋଗାଣ ପ୍ରକଳ୍ପରୁ ମଧ୍ୟ ଅବ୍ୟବସ୍ଥା ଦେଖା ଦେଇଥିବା ସ୍ଥାନୀୟ ପଡ଼ାବାସୀ ପ୍ରକାଶ କରିଛନ୍ତି। ଏଠାରୁ ସିନାପାଲି ହାଇସ୍କୁଲ ପଡ଼ା ଓ ବ୍ଲକ କଲୋନୀ ପଡ଼ାକୁ



ଜଳ ଯୋଗାଣ ହେଉଛି। ୨/୩ ଦିନରେ ଥରେ ଜଳ ଯୋଗାଣ ପ୍ରକଳ୍ପରୁ ପାଣି ଛଡ଼ା ଯାଉଛି। ଏହି ସମସ୍ୟାଗୁଡ଼ିକର ସମାଧାନ ଦାବିରେ ସିନାପାଲି ବିଡ଼ିଓ ଅବିନାଶ ଲାକ୍ରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ସହ ପଦକ୍ଷେପ ନେବା ପାଇଁ ନୂଆପଡ଼ା ଜିଲ୍ଲାପାଳ, ସ୍ଥାନୀୟ ବିଧାୟକ ଓ ସରପଞ୍ଚଙ୍କୁ ମଧ୍ୟ ଅବଗତ କରାଯାଇଛି। ତେବେ ଅଭିଯୋଗ ପାଇବା ପରେ ସିନାପାଲି ବିଡ଼ିଓ ଶ୍ରୀ ଲାକ୍ରା ତୁରନ୍ତ ଜଳ ଯୋଗାଣ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସହିତ ଆଲୋଚନା କରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୋଗ ସମୟରେ ସିନାପାଲି ସହରର ବସଷ୍ଟାଣ୍ଡ ଓ ସା ପଡ଼ା (ଗୁଡ଼ି ପଡ଼ା)ର ଅନେକ ମହିଳା ଉପସ୍ଥିତ ଥିଲେ।

# ଦେବ ଦେବ ମହାଦେବଙ୍କ ବିବାହ ପାଇଁ ଉତ୍ସବମୁଖର ଗାଁଠୁ ସହର

## ଶୀତଳଷଷ୍ଠୀ ଯାତ୍ରା ପାଇଁ ଚରଦାରେ ଭକ୍ତିମୟ ପରିବେଶ



**ବିନିକା, ୧୦।୬(ସମିସ):** ବିନିକା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦାର ବାବା କପିଳେଶ୍ୱର ମହାଦେବଙ୍କ ବିବାହ ତଥା ଶୀତଳ ଷଷ୍ଠୀ ମହୋତ୍ସବ ଚଳିତ ବର୍ଷ ମହାସମାରୋହରେ ଅନୁଷ୍ଠିତ ହେଉଛି। ଏଣୁ ଶ୍ରଦ୍ଧାଳୁଙ୍କ ଆଗମନରେ ମନ୍ଦିର ଉତ୍ସବମୁଖର ହୋଇଉଠିଛି। ହର-ପାର୍ବତୀଙ୍କ ବିବାହ ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ଟ୍ରଷ୍ଟବୋର୍ଡ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥର ଶିବଙ୍କ ବର ପିତାମାତା ଭାବେ ଚରଦା ଗ୍ରାମର ମକରନ୍ଦ ଥନାପତି ଓ ରୀନା ଥନାପତି, ପାର୍ବତୀଙ୍କ ପିତାମାତା ଭାବେ ରବି ଥନାପତି, ନିରୂପମା ଥନାପତି ଦାୟିତ୍ୱ ତୁଲାଇଥିଲେ। କପିଳେଶ୍ୱର ବାବା ବର ବେଶରେ ଆସି କନ୍ୟା ଘରେ ମନ୍ଦିର ପହଞ୍ଚିବା ପରେ ବିବାହ ପାଣିଗ୍ରହଣ ଅନୁଷ୍ଠିତ ହୋଇଥିଲା। ଭାସ୍କର ପୁରୋହିତ, ରମେଶ ପୁରୋହିତ, ମକୁନ୍ଦ ପୁରୋହିତ ପୂଜା କାର୍ଯ୍ୟ ତୁଲାଇଥିଲେ। ଆକର୍ଷଣୀୟ ଆଲୋକ ସଜ୍ଜା ସାଙ୍ଗକୁ ଭକ୍ତଙ୍କ କୋଳାହଳରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ଅଇଲାତୁମ୍ବାର (ପାଟନାଗଡ଼) ଗ୍ରାମର ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ଶୀତଳ ଷଷ୍ଠୀ ଯାତ୍ରା ଦେଖିବା ପାଇଁ ବିଭିନ୍ନ ସ୍ଥାନରୁ ଚରଦା ମନ୍ଦିରକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବରଯାତ୍ରୀଙ୍କ ପାଇଁ କନ୍ୟା ପିତା ପକ୍ଷରୁ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ଏଥିରେ ଟ୍ରଷ୍ଟ ବୋର୍ଡ କମିଟି ସଭାପତି ଅଶୋକ ପୃଷ୍ଟି, ସରପଞ୍ଚ ବୃନ୍ଦାବତି ନାଏକ, ପ୍ରଶାନ୍ତ ପୂଜାହାରୀ, ଆଶିଷ ମଲ୍ଲିକ, ହିମାଂଶୁ ପୁଟେଲ, ଗୌର ବାରିକ, ସୂର୍ଯ୍ୟ ଥନାପତି, ରୁଦ୍ର ଥନାପତି, କାର୍ତ୍ତିକ ଥନକ୍ଷପତି, ମନ ଥନକ୍ଷପତି, ରାମକୃଷ୍ଣ ଥନାପତି, ଶୁକଦେବ ଥନାପତି, ଭାଗ୍ୟ ଥନାପତି, ସଞ୍ଜୟ ଥନାପତି, ପବିତ୍ର ଥନାପତି, ଅଭି ଥନାପତି, ଲଳିତ ଥନାପତିଙ୍କ ସମେତ ଟ୍ରଷ୍ଟ ବୋର୍ଡ କମିଟିର ସମସ୍ତ ସଭ୍ୟ, ସେବାୟତ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ଭୋଳାବାବାଙ୍କ ବରଯାତ୍ରୀ

## ୧୦୮ ଭରି ସୁନା ନାଗ ଦର୍ଶନ କରି ଭକ୍ତ ଅଭିଭୂତ



**ସୋନପୁର, ୧୦।୬(ସମିସ)**

ପୂର୍ବ ନିର୍ଦ୍ଧାରିତ ଲଗ୍ନ ଅନୁସାରେ ସୋମବାର ଠିକ ସନ୍ଧ୍ୟା ୭ଟା ସମୟରେ ଥନାପତି ପଡ଼ା ଚନ୍ଦ୍ରଶେଖର ମନ୍ଦିରରୁ ଭୋଳା ବାବାଙ୍କ ବରଯାତ୍ରୀ ବାହାରିଥିଲା। ପ୍ରଭୁ ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ବାବା ଚନ୍ଦ୍ରଶେଖର ବରବେଶରେ ସଜ୍ଜିତ ହୋଇ ୧୦୮ ଭରି ସୁନା ନାଗଙ୍କ ସହ ବାହାରିଥିଲେ। ସୁନାର ନାଗ ପ୍ରତିମା ଦର୍ଶନ କରି ଭକ୍ତ ଅଭିଭୂତ ହୋଇ ଯାଇଛନ୍ତି। ବରପିତା ଘୋଡାଘାଟପଡ଼ାସ୍ଥିତ ବାବୁଲି ବକ୍ସିଙ୍କ ଘରୁ ପ୍ରଥମେ ବାବା ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମାଙ୍କୁ ଚନ୍ଦଶେଖର ମନ୍ଦିରକୁ ସେବାୟତମାନେ ବିଜେ କରାଇଥିଲେ। ନିମନ୍ତ୍ରଣ ପାଇ ଗୋପାଳଜୀ, ବୃନ୍ଦାବନ ବିହାରୀ, ସୋମନାଥ, ଗୋକର୍ଣ୍ଣେଶ୍ୱର, ରାମେଶ୍ୱର ଆଦି ଅଷ୍ଟ ଶମ୍ଭୁ ଓ ଅଷ୍ଟ ବିଷ୍ଣୁ ଏହା ପୂର୍ବରୁ ଚନ୍ଦ୍ରଶେଖର ମନ୍ଦିରକୁ ବିଜେ ହୋଇ ସାରିଥିଲେ। ବାବା ଚନ୍ଦ୍ରଶେଖରଙ୍କ ବରଯାତ୍ରୀରେ ୧୫ ଠାକୁର ସାମିଲ ଥିଲେ। ଶଙ୍ଖ ଓ ଘଣ୍ଟ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଦେବ, ଦାନବ ଏବଂ କିନ୍ନର ବରଯାତ୍ରୀ ଦଳରେ ସାମିଲ ହୋଇ କନ୍ୟାପିତାଙ୍କ ଘରକୁ ଅଗ୍ରସର ହୋଇଥିଲେ। ଦୁର୍ଗା ମଣ୍ଡପ, ଗୁଣ୍ଡିଚା ମନ୍ଦିର, ଟିକିରିପଡ଼ା, ଗଡ଼ଭିତର, ସମଲେଇ ମନ୍ଦିର, ଘୋଡାଘାଟପଡ଼ା, ବ୍ଲକ ଛକ ଦେଇ ରାମକୃଷ୍ଣ ନଗରସ୍ଥିତ କନ୍ୟାପିତା ଗୋପାଳ ପ୍ରସାଦ ଭୂତଙ୍କ ଘରେ ବାବା ଭୋଳାନାଥ ପହଞ୍ଚିଥିଲେ। ବିଭିନ୍ନ ଛକରେ ଦୀପ ପ୍ରଜ୍ୱଳନ ପୂର୍ବକ ସୁବର୍ଣ୍ଣନାଗ ପ୍ରତିମାଙ୍କ ଦର୍ଶନ କରିଥିଲେ ଭକ୍ତବୃନ୍ଦ। ବିଳମ୍ବିତ ରାତିରେ କନ୍ୟା ପିତା-ମାତା ଗୋପାଳ ଭୂତ ଏବଂ ଅନିତାଙ୍କ ଘରେ ପରମ୍ପରା ଅନୁସାରେ ମାତା ପାର୍ବତୀ ଏବଂ ପ୍ରଭୁ ଚନ୍ଦ୍ରଶେଖରଙ୍କ ବିବାହ ସମ୍ପନ୍ନ ହୋଇଥିଲା। ମଙ୍ଗଳବାର ହିମାଦ୍ରୀ ନଗରରେ ଯୁଗଳମୂର୍ତ୍ତି ଦର୍ଶନ ଅନୁଷ୍ଠିତ ହେବ। ଭକ୍ତମାନେ ମାତା ପାର୍ବତୀଙ୍କ ସହ ଚନ୍ଦ୍ରଶେଖରଙ୍କୁ ଦର୍ଶନ କରିବେ। ତେବେ ଦେବ ଦମ୍ପତିଙ୍କ ଦର୍ଶନ କଲେ କୋଟି ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ବୁଧବାର ଭୋର ୩ଟା ପରେ ଯୁଗଳମୂର୍ତ୍ତିଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ବ୍ଲକ ଛକ, ଆମ୍ବେଦକର ଛକ, ଖଦାଳପଡ଼ା, ମଝିପଡ଼ା, ବିଜୁ ପଟ୍ଟନାୟକ ଛକ, ଗଙ୍ଗାଧର ମେହେର ଛକ ଦେଇ ଥନାପତି ପଡ଼ା ଚନ୍ଦ୍ରଶେଖର ମନ୍ଦିରକୁ ପହଞ୍ଚିବେ ଦେବ ଦମ୍ପତି। ତେବେ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ସୋନପୁରରେ ଉତ୍ସାହ ଉଦ୍ଦୀପନା ଲାଗି ରହିଛି।

### ବିଳମ୍ବିତ ରାତିରେ ବିବାହ ସମ୍ପନ୍ନ

## ମାଙ୍ଗଳିକ ଶ୍ରାଦ୍ଧ ଓ ରୁଦ୍ରାଭିଷେକ

**ମନମୁଣ୍ଡା, ୧୦।୬(ସମିସ):** ମନମୁଣ୍ଡା ପଞ୍ଚାୟତ ବଜ୍ରେଶ୍ୱର ମନ୍ଦିରର ଶୀତଳ ଷଷ୍ଠୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ସୋମବାର ସକାଳୁ ପୂଜକ ଦିଗମ୍ବର ବଡମାଳି ନୀତିକାନ୍ତି କରିଥିଲେ। ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ ଜ୍ୟୋତି ରଞ୍ଜନ ପଣ୍ଡା ଶିବ ପାର୍ବତୀଙ୍କ ବିବାହ ଉପଲକ୍ଷେ ମନ୍ଦିରରେ ମାଙ୍ଗଳିକ ଶ୍ରାଦ୍ଧ, ଦେବ ନିମନ୍ତ୍ରଣ, ମାଟିପକା, ଗଣସଣ ଏବଂ ଅଳଙ୍କାର ଧାରଣ କାର୍ଯ୍ୟକ୍ରମ କରିଥିଲେ। ଚଳିତ ବର୍ଷ ବଜ୍ରେଶ୍ୱରଙ୍କ ମାତାପିତା ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଜ୍ୟୋତିର୍ମୟୀ ମିଶ୍ର ଏବଂ ଶ୍ରୀକାନ୍ତ ମିଶ୍ର (ମାଣିକେଶ୍ୱରୀ ପ୍ଲଟ, ସୋନପୁର) ଏବଂ ମାତା ପାର୍ବତୀଙ୍କ ମାତାପିତା ଭାବେ ଦାୟିତ୍ୱ ନିର୍ବାହ କରୁଥିବା ମନିଷା ପାଣିଗ୍ରାହୀ ଏବଂ ନୀଳମାଧବ ପାଣିଗ୍ରାହୀ (ଗଡ଼ଭିତର, ସୋନପୁର) କର୍ତ୍ତା ଭାବେ ମହା ରୁଦ୍ରାଭିଷେକ କରିଥିଲେ। ପଞ୍ଚାନନ ପଟ୍ଟନାୟକ, ବିଭୀଷଣ ମଲ୍ଲିକ, ପ୍ରଦୀପ ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ବୃନ୍ଦାବନ ମଲ୍ଲିକ, ରୁଦ୍ର ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।



## ବିଭିନ୍ନ ଶୈବ ପୀଠରେ ଶିବ ବିବାହ ପାଇଁ ପ୍ରସ୍ତୁତି



**ହରଭଙ୍ଗା, ୧୦।୬(ସମିସ):** ବୌଦ୍ଧ ଜିଲ୍ଲା ଚାରିଛକସ୍ଥିତ ଶ୍ରୀ ଶ୍ରୀ କେଦାରେଶ୍ୱର ମହାଦେବଙ୍କ ପ୍ରଥମ ଶୀତଳଷଷ୍ଠୀ ଉତ୍ସବ ମହା ଆଡ଼ମ୍ବରରେ ଅନୁଷ୍ଠିତ ହେଉଛି। ଅପରାହ୍ନରେ ଶ୍ରୀ ଜଗନ୍ନାଥ ମନ୍ଦିରରୁ ବିବାହ ଭାର ଧରି ଶୋଭାଯାତ୍ରା ବାହାରିଥିଲା। କେଦାରେଶ୍ୱର ବାବାଙ୍କ ମନ୍ଦିରରେ ପହଞ୍ଚିବା ପରେ ବିବାହ ଉତ୍ସବରେ ସମସ୍ତେ ଯୋଗ ଦେଇଥିଲେ। ସେଠାରେ କନ୍ୟା ପକ୍ଷ ଲୋକେ ସ୍ୱାଗତ କରି ମନ୍ଦିରକୁ ପାଛୋଟି ନେଇଥିଲେ। ସେହିପରି ବ୍ଲକର ଶୈବ ପୀଠ ବିରାମଚନ୍ଦ୍ର ପୁର, ହରେକୃଷ୍ଣପୁର, ବୁରୁବୁଡା, ହରଭଙ୍ଗା, ରାମଗଡ଼, ଖରଭୂଇଁ ଆଦି ଶୈବ ପୀଠରେ ମଧ୍ୟ ଶିବ ବିବାହ କାର୍ଯ୍ୟକ୍ରମ ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଛି।

## ବିଶ୍ୱେଶ୍ୱର ବାବାଙ୍କ ବିବାହ ଶୋଭାଯାତ୍ରାରେ ଦୁଲକିଲା ସହର



**ବିନିକା, ୧୦।୬(ସମିସ):** ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହର ପର୍ବ ଶୀତଳଷଷ୍ଠୀ ଯାତ୍ରା ପାଇଁ ସାରା ବିନିକା ସହର ଉତ୍ସବ ମୁଖର ହୋଇଉଠିଛି। ସପ୍ତମ ବର୍ଷରେ ପଦାର୍ପଣ କରିଥିବା ଏହି ଯାତ୍ରା ତଥା ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଚଳିତ ବର୍ଷ ଧୂମଧାମରେ ପାଳିତ ହେଉଛି। ପତରପେଣ୍ଡୀ ତଥା ନିର୍ବନ୍ଧ ଓ ଦେବ ନିମନ୍ତ୍ରଣ ନୀତି ସମ୍ପନ୍ନ ପରେ ସୋମବାର ରାତିରେ ଦେବ ଦମ୍ପତିଙ୍କ ବିବାହ ମହାଆଡମ୍ବର ପୂର୍ଣ୍ଣ ଭାବରେ ସମ୍ପନ୍ନ ହୋଇଛି। ଏଥିପାଇଁ ଯାତ୍ରା କମିଟି ତରଫରୁ ସଭାପତି ପୂର୍ଣ୍ଣଚନ୍ଦ୍ର ମେହେର, କାର୍ଯ୍ୟକାରୀ ସଭାପତି ଅଜିତ ସାମନ୍ତରାୟ, ସମ୍ପାଦକ ଚରଣ ମେହେର, ସହ ସମ୍ପାଦକ ସମ୍ବିତ ନେପାକଙ୍କ ନେତୃତ୍ୱରେ କମିଟି କର୍ମକର୍ତ୍ତା ଓ ଭକ୍ତ ମହାଦେବଙ୍କୁ ବର ବେଶରେ ସଜାଇଥିଲେ। ପରେ ଶୋଭାଯାତ୍ରାରେ ମହାଦେବ ବିଜେ କରିଥିଲେ। ଶୋଭାଯାତ୍ରାରେ ସହରର ବିଭିନ୍ନ ଦେବାଦେବୀ ସାମିଲ ହୋଇଥିଲେ।

ଶୋଭାଯାତ୍ରାରେ ଦୁଲଦୁଲି, ଘଣ୍ଟବାଦ୍ୟ, ପୁରାତନ ଦଣ୍ଡନୃତ୍ୟ, ଷୋହଳ ସୁଆଙ୍ଗ, ତାଳ ନୃତ୍ୟ, ବାଇ ନୃତ୍ୟ ଆଦି ସାମିଲ ହୋଇଥିଲା। ଭକ୍ତଙ୍କ ଜୟଜୟଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରଭୁ ଭୋଳାନାଥଙ୍କ ଦର୍ଶନ କରିବାର ସୁଯୋଗ ପାଇଥିଲେ। ସ୍ଥାନୀୟ ବିନିକା ନୂଆପଡ଼ାସ୍ଥିତ ମଦନ ମୋହନ ମନ୍ଦିର ନିକଟରେ ଶୋଭାଯାତ୍ରା ପହଞ୍ଚିବା ପରେ କନ୍ୟାପକ୍ଷ ତରଫରୁ ଦେବୀ ପାର୍ବତୀଙ୍କ ମାମୁଁ ମାଇଁ ବିଶ୍ୱେଶ୍ୱର ବାବାଙ୍କୁ ବର ରୂପରେ ନିମନ୍ତ୍ରଣ କରି ବେଦୀସ୍ଥଳକୁ ପାଛୋଟି ଆଣିଥିଲେ। ବିଳମ୍ବିତ ରାତିରେ ପୂଜକ ଉମାବଲ୍ଲଭ ଷଡ଼ଙ୍ଗୀଙ୍କ ଯଥାରୀତି ପୂଜାର୍ଚ୍ଚନା ଓ ମନ୍ତ୍ରପାଠ ପରେ ଶିବ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଏହି ଦେବ ବିବାହକୁ ଦେଖିବା ପାଇଁ ରାତିସାରା ଭକ୍ତ ଉଜାଗର ରହିଥିଲେ। ବିଶ୍ୱେଶ୍ୱର ବାବାଙ୍କ ପିତାମାତା ଭାବେ ସନ୍ତୋଷ ଅଗ୍ରୱାଲ ଓ ତାଙ୍କ ପତ୍ନୀ ଚନ୍ଦ୍ରମା ଅଗ୍ରୱାଲ, ପାର୍ବତୀଙ୍କ ପିତାମାତା ଭାବେ ରବୀନ୍ଦ୍ର ମେହେର ଓ ତାଙ୍କ ପତ୍ନୀ ସନ୍ତୋସିନୀ ମେହେର ଦାୟିତ୍ୱ ନିର୍ବାହ କରିଥିଲେ। ମଙ୍ଗଳବାର ସକାଳେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବାବା ବିଶେଶ୍ୱର ଓ ଦେବୀ ପାର୍ବତୀଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ।

## ପାଣିରେ ବୁଡ଼ି ପୁଣି ଜଣଙ୍କର ମୃତ୍ୟୁ

**ତରଭା, ୧୦।୬(ସମିସ):** ତରଭା ଅଞ୍ଚଳରେ ପାଣିରେ ବୁଡିଯାଇ ମୃତ୍ୟୁ ଘଟଣା ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହେଲାଣି। ଗତ ଫେବ୍ରୁଆରୀରୁ ଜୁନ୍ ସୁଦ୍ଧା ୫ ଜଣଙ୍କ ପାଣିରେ ବୁଡ଼ି ଜୀବନ ଗଲାଣି। ବାଲିଖମାର ପଞ୍ଚାୟତ ବିଲେଇବେର୍ଣ୍ଣା ଗ୍ରାମର ଜଣେ ବ୍ୟକ୍ତି ପାଣିରେ ବୁଡିଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ବିଲେଇବେର୍ଣ୍ଣା ଗ୍ରାମର ଲିଙ୍ଗ କଳତା (୫୨)। ସକାଳେ ସେ ଗାଧୋଇବାକୁ ପୁଟକିପାଲି ଟିକେବନ୍ଧକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବନ୍ଧକୁ ଯାଇ ଖୋଜାଖୋଜି କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପାଣି ଭିତରୁ ଲିଙ୍ଗଙ୍କୁ ଉଦ୍ଧାର କରି ତରଭା ଡାକ୍ତରଖାନାକୁ ଅଣା ଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଥିଲେ। ସୋମବାର ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଝସକେତନ ମୁଖାଗ୍ନି ଦେଇଥିଲେ। ପୁଲିସ ଏ ସମ୍ବନ୍ଧରେ ଏକ ଅପମୃତ୍ୟୁ କେଶ୍ ରୁଜୁ କରିଛି। କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା ତଦନ୍ତ ଦାୟିତ୍ୱ ନେଇଛନ୍ତି। ଲିଙ୍ଗଙ୍କ ଅକାଳ ମୃତ୍ୟୁ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ଫେବୃଆରୀ ୨୬ରେ ତରଭା ଥାନା ଜାମକାନି ଗ୍ରାମର ଡମ୍ବରୁ ତାଣ୍ଡି (୫୫) ଗ୍ରାମ ନିକଟସ୍ଥ ଖଲିଆମୁଣ୍ଡା ବନ୍ଧରେ ବୁଡ଼ି ପ୍ରାଣ ହରାଇଥିଲେ। ଏପ୍ରିଲ ୨୫ରେ ସିନ୍ଦେଧାଲ ଗ୍ରାମର ଏକ ୪ ବର୍ଷର ଶିଶୁପୁତ୍ର ମିତେଶ ତେଲନଦୀରେ ବୁଡିଯିବାରୁ ତା'ର ମୃତ୍ୟୁ ଘଟିଥିଲା। ମେ ୧୬ରେ ମେଣ୍ଡାର ବିନୋଦିନି କୁମୁରିଆ (୫୦) ନାମ୍ନୀ ଜଣେ ମହିଳାଙ୍କ ଭାରତୀସାଗର ବନ୍ଧରେ ବୁଡି ମୃତ୍ୟୁ ଘଟିଥିଲା। ମେ ୨୯ ତାରିଖ ଶିବତୁଲା ଗ୍ରାମର ଇଶାକାନ୍ତ ବାରିକ (୬୫) ନାମକ ଜଣେ ରାଜମିସ୍ତ୍ରି ବାରବିଶାଳୀ ବନ୍ଧରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

● ବର୍ଷା ପୂର୍ବରୁ ବଲାଟ ସେତୁ ନିର୍ମାଣ କାର୍ଯ୍ୟ ସରିବା ନେଇ ଆଶଙ୍କା

## ୧୦ ମାସ ତଳୁ ଅବଧି ସରିଲାଣି, ତଥାପି ସରୁନି

**ହରଭଙ୍ଗା, ୮।୬(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଦେଇ ଯାଇଥିବା ବହୁ ପୁରାତନ ଜଗନ୍ନାଥ ସଡ଼କ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପରେ ରାସ୍ତା ଉନ୍ନତି କାମ ଚାଲିଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ ଅର୍ଥ ମଞ୍ଜୁର ହୋଇ ଦୀର୍ଘ ବର୍ଷ ଧରି କାର୍ଯ୍ୟ ଚାଲୁଛି। ଏବେ ବି ଧଳପୁର ଅଞ୍ଚଳରେ କାର୍ଯ୍ୟ ଅଧ ପନ୍ତରା ହୋଇ ପଡ଼ି ରହିଛି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଓ ବିଭାଗର ତଦାରଖ ଅଭାବରୁ କଚ୍ଛପ ଗତିରେ କାର୍ଯ୍ୟ ହେଉଛି। ଏଣୁ ବର୍ଷା ଦିନ ପୂର୍ବରୁ କୃଷ୍ଣମୋହନପୁର ନିକଟବର୍ତ୍ତୀ ବଲାଟ ସେତୁ ନିର୍ମାଣ କାର୍ଯ୍ୟ ସରିବା ନେଇ ଆଶଙ୍କା ଦେଖା ଦେଇଛି। ଏହି ସେତୁ କାମ ସରିବାର ଅବଧି ୧୦ ମାସ ବିତି ଗଲାଣି; ହେଲେ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ। ପ୍ରକଳ୍ପଟି ୨୦କୋଟି ଅନୁଦାନରେ ନିର୍ମାଣ ହେଉଛି। ୩୦।୮।୨୦୨୩ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହେବା ନେଇ ଟେଣ୍ଡର ହୋଇଥିଲା। ସୂଚନାଫଳକ ମଧ୍ୟ ସେହିପରି ଭାବେ ଲଗାଯାଇଛି; କିନ୍ତୁ ଚଳିତ ବର୍ଷ ବର୍ଷା ପୂର୍ବରୁ ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିବ କି ନାହିଁ ଅନିଶ୍ଚିତତା ଓ ଆଶଙ୍କା ମଧ୍ୟରେ ରହିଛି।



■ ମନ୍ଥର ଗତିରେ କାମ ଚାଲିଛି

ଏ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ପଞ୍ଚାନନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସେତୁ ନିର୍ମାଣ କାର୍ଯ୍ୟ ବିଳମ୍ବର ଏକ ପ୍ରମୁଖ କାରଣ ଆଦିବାସୀ ଜମି ଅଧିଗ୍ରହଣ। କ୍ଲିୟରାନ୍ସ ରିପୋର୍ଟ ଆସିବାରେ ବିଳମ୍ବ ଥିବାରୁ କାର୍ଯ୍ୟ ଆଗକୁ ଯାଇପାରୁ ନ ଥିଲା। ବର୍ତ୍ତମାନ ରିପୋର୍ଟ ଆସିଛି। ଖୁବ୍ ଶୀଘ୍ର ସେତୁ କାର୍ଯ୍ୟ ଚାଲିବ। ବର୍ଷା ପୂର୍ବରୁ ସରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ରହିଛି ବୋଲି କହିଥିଲେ।

### ଲୋ ଭୋଲ୍‌ଟେଜ୍ ପାଇଁ ଛତ୍ରଙ୍ଗବାସୀଙ୍କ ରାସ୍ତାରୋକ ଚେତାବନୀ

## ଦୈନିକ ମରାମତି ନାଁରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ୍

**ହରଭଙ୍ଗା, ୧୦।୬(ସମିସ):** ଟାଟା କମ୍ପାନୀର ମନମାନୀ ନେଇ ତହକ ବିକଳ ଛତ୍ରଙ୍ଗ ଗ୍ରାମବାସୀ। ନାକ ତଳ ନିଶ ବଙ୍କା ଭଳି ଗ୍ରାମରେ ଟାଟା କମ୍ପାନୀର ଫିଡର ଥାଇ ମଧ୍ୟ ବର୍ଷ ବର୍ଷ ଧରି ସମସ୍ୟା ସମାଧାନ ହୋଇ ପାରୁନି। ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ସହିତ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରି



ବିଦ୍ୟୁତ୍ ଉପଭୋକ୍ତା ହତାଶ ହୋଇଛନ୍ତି। ଛତ୍ରଙ୍ଗ ଗ୍ରାମରେ ଟାଟା କମ୍ପାନୀର ଛତ୍ରଙ୍ଗ ଫିଡର ରହିଛି। ଏଠାରେ କିନ୍ତୁ ବର୍ଷ ବର୍ଷ ଧରି ଲୋ ଭଲ୍ଟେଜ ସମସ୍ୟା ଲାଗି ରହିଛି। ମରାମତି ବାହାନାରେ ପ୍ରତିଦିନ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ଏଣୁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଗୋଟିଏ ପଟେ ଗ୍ରୀଷ୍ମ ପ୍ରଭାବ ଅନ୍ୟପଟେ ଲୋ ଭଲ୍ଟେଜ ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି। ବହୁ ହିତାଧିକାରୀଙ୍କ ଯାନ୍ତ୍ରିକ ସାମଗ୍ରୀ ମଧ୍ୟ ପୋଡି ଯାଉଛି। ଏଣୁ ଯଥା ଶୀଘ୍ର ସମସ୍ୟାର ସମାଧାନ ନ କଲେ ରାସ୍ତାରୋକ ଥୟ ବୋଲି ଗ୍ରାମର ଅଶୋକ ମିଶ୍ର, ଅଚ୍ୟୁତ ରାଉତ, ରଞ୍ଜନ ଦଳେଇ, ପ୍ରସନ୍ନ ପ୍ରଧାନ, ସରୋଜ ରାଉତ, ପ୍ରଦୀପ ପୃଷ୍ଟି, ରାଜୁ ପ୍ରଧାନ, ରମେଶ ଶତପଥୀ, ସୁଶାନ୍ତ ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି। ସମ୍ପୃକ୍ତ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଭବାନୀଶଙ୍କର ପାଣିଗ୍ରାହୀଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ଦିଆଯାଇଛି କହି ନିଜ ମୁଣ୍ଡରୁ ଦୋଷ ଛଡାଇ ଦେଇଛନ୍ତି।

## ବଙ୍ଗୀୟ ଶ୍ରମିକଙ୍କ ମୃତ୍ୟୁ

● ଅଂଶୁଘାତ ଆଶଙ୍କା

**ହରଭଙ୍ଗା, ୧୦।୬(ସମିସ):** ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା କରୋଡାକୋଠାରେ ଜଣେ ବଙ୍ଗୀୟ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ରାଜ୍ୟ ମାଲଦା ଜିଲ୍ଲା ପୁଖୁରିଆ ଥାନା ରାଣିନଗର ଗ୍ରାମର ଖଦିମୂଳ ଇସଲାମ। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। କରୋଡାକୋଠା ନିକଟରେ ଚାଲିଥିବା ରେଳ ଲାଇନର ଡ୍ରେନ୍ ନିର୍ମାଣ କାର୍ଯ୍ୟରେ ସେ ନିୟୋଜିତ ଥିଲେ। ରବିବାର ବିଳମ୍ବିତ ରାତିରେ ହଠାତ ତାଙ୍କର ବାନ୍ତି ଆରମ୍ଭ ହୋଇ କ୍ରମେ ବଢ଼ିଥିଲା। ଏହା ଦେଖି ଅନ୍ୟମାନେ ତାଙ୍କୁ ପୁରୁଣାକଟକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବୁଝାଇଲା ପରେ ଧାରଣାରୁ ଓହରିଲେ ସଫେଇ କର୍ମଚାରୀ



**ଡୁଙ୍ଗୁରିପାଲି, ୧୦।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗେଟ୍ ସାମ୍ନାରେ ୬ ଦଫା ଦାବି ନେଇ ଧାରଣାରେ ସାମିଲ ହୋଇଥିବା ସଫେଇ କର୍ମଚାରୀ ଶେଷରେ ଜିଦ୍‌ରୁ ଓହରିଛନ୍ତି। ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସଫେଇ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ଛଟେଇ ବନ୍ଦ କରିବା, ୩ ମାସର ବକେୟା ଦେବା ସହ ବର୍ଦ୍ଧିତ ଦରମା ଲାଗୁ କରିବା ଭଳି ୬ ଦଫା ଦାବି ନେଇ ଏମାନେ ଧାରଣା ଦେଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରହିବ ବୋଲି ଆନ୍ଦୋଳନକାରୀ ପ୍ରକାଶ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରବିନାରାୟଣ ପଣ୍ଡା, ଡାକ୍ତର ସଞ୍ଜୟ ପ୍ରଧାନ, ଡାକ୍ତର ସରୋଜ ସେଠ, ଡାକ୍ତର ଆଲୋକ ପଣ୍ଡା ସଫେଇ କର୍ମଚାରୀଙ୍କୁ ବୁଝାଇଲାପରେ ଆନ୍ଦୋଳନରୁ ଓହରି ଏମାନେ କାମରେ ଯୋଗ ଦେଇଥିଲେ। ବିଶ୍ୱନାଥ ବାଗ, ଭୋଳାନାଥ ଡୁଙ୍ଗୁରି, ରାଜେଶ କଲେତ, କବିତା ତାଣ୍ଡି, ସବିତା ନାଗ, ମୋହିନୀ ବାଗ, ରାସେଶ୍ୱରୀ ବାଗ, ରାଜେଶ ଦାସ, ଗଜାନନ ଷାଣ୍ଢ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

■ ବରଦେଶ୍ୱର ମନ୍ଦିରରେ ଶିବ ବିବାହ

# ଦେବଦମ୍ପତିଙ୍କ ବିବାହରେ ବିପୁଳ ଭକ୍ତ ସମାଗମ



**ସିନାପାଲି /ହାତୀବନ୍ଧା, ୧୦।୬(ସମିସ):** ସିନାପାଲି ବ୍ଲକ ହାତୀବନ୍ଧା ପଞ୍ଚାୟତ ଚଳନା ଓ ଘଣ୍ଟିଗୁଡାସ୍ଥିତ ବାବା ବରଦେଶ୍ୱରଙ୍କ ବିବାହ ବୈଦିକ ରୀତିରେ ସମ୍ପନ୍ନ ହୋଇଛି। ପୁରୋହିତ ଈଶ୍ୱର ପଣ୍ଡା ପୂଜାର୍ଚ୍ଚନା କରିବା ପରେ ଧାର୍ଯ୍ୟ ସମୟରେ ଦେବ ଦମ୍ପତିଙ୍କ ବିବାହ ହୋଇଥିଲା। ବିବେକ ରାଉତ ଓ ଅର୍ଚ୍ଚନା ରାଉତ ବାବା ବରଦେଶ୍ୱରଙ୍କ ପିତାମାତା ହେବାର ସୌଭାଗ୍ୟ ପାଇଛନ୍ତି। ସେହିପରି ନବକୃଷ୍ଣ ପ୍ରଧାନ ଓ ପଙ୍କଜିନୀ ପ୍ରଧାନ ମାତା ପାର୍ବତୀଙ୍କ ପିତାମାତା ଭାବେ ସୌଭାଗ୍ୟ ପାଇଛନ୍ତି। ଏହି ବିବାହ ଉତ୍ସବରେ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଆୟୋଜକ କମିଟିର ଦୈତାରୀ ନାଏକ, ବାହାଦୂର ଦଣ୍ଡସେନ, ତ୍ରିନାଥ କାଛିଆ, ଅଶୋକ ନାଏକ, ରାଜୁ ରାଉତ, ଚିତ୍ରସେନ ଗହୀର, କିସନ ନିଆଲ, ସେନାପତି ନିଆଲ, ପର୍ଶୁ ନାଏକ. ଟଙ୍କଧର ଭୋଇ, ନିରଞ୍ଜନ ନାଏକ, କମଳ ଭୋଇ, ମନକର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଦେବଦମ୍ପତିଙ୍କ ବିବାହରେ ଭବାନୀପାଟଣା ଚଳଚଞ୍ଚଳ

**ଭବାନୀପାଟଣା, ୧୦।୬(ସମିସ)**

ଶୀତଳଷଷ୍ଠୀ ଅବସରରେ ପ୍ରଭୁ ଶିବ ଓ ପାର୍ବତୀଙ୍କ ବିବାହ ଉତ୍ସବ ଚଳିତ ବର୍ଷ ଉତ୍ସାହ ଏବଂ ଭକ୍ତିଭାବ ମଧ୍ୟରେ ପାଳନ କରୁଥିବା ଦେଖିବାକୁ ମିଳିଛି। ସମସ୍ତ ଶୈବ ଉପାସକ ତଥା ମା' ପାର୍ବତୀଙ୍କ ଆଶୀର୍ବାଦ ଲଭୁଥିବା ପରିବାର ଏକତ୍ରିତ ହୋଇ ଏହି ଭାଇଚାରାର ପର୍ବ ପାଳନ କରିଛନ୍ତି। ଭବାନୀପାଟଣା ପୁରୁଣାପଡ଼ା ବାଲୁଙ୍କେଶ୍ୱର ଶିବ ମନ୍ଦିରରେ ଆୟୋଜିତ ଶୀତଳଷଷ୍ଠୀ ଯାତ୍ରା କାର୍ଯ୍ୟକ୍ରମ ବଡ଼ ଆଡମ୍ବର ସହିତ ପାଳନ ହୋଇଛି। ପ୍ରତ୍ୟେକ ବର୍ଷ ଭଳି ଏହି ବିବାହ କାର୍ଯ୍ୟକ୍ରମରେ ଶିବ ଓ ପାର୍ବତୀଙ୍କ ବରପକ୍ଷ ଓ କନ୍ୟା ପକ୍ଷ ରୂପେ ଦମ୍ପତିଗଣ ଏଥର ମଧ୍ୟ ଭାଗ ନେଇଥିଲେ। ବରାନୁଗମନରେ ସାମିଲ ବ୍ୟାଣ୍ଡ ବାଜା, ଘଣ୍ଟ ଦଳ କାର୍ଯ୍ୟକ୍ରମକୁ ଆହୁରି ଅଧିକ ଆକର୍ଷଣୀୟ କରିଥିଲା। ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ବରାନୁଗମନ ସହ ହସ୍ତଗଣ୍ଠି ପଡ଼ି ବିବାହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଏହି ବିବାହ କାର୍ଯ୍ୟରେ ପ୍ରଭୁଙ୍କ ପିତାମାତା ରୂପେ ରାଜଶ୍ରୀ ପ୍ରଧାନ ଓ ଦୟାନିଧି ପ୍ରଧାନ ଏବଂ ପାର୍ବତୀଙ୍କ ପିତାମାତା ରୂପେ ମାନସୀ ଜେନା ଓ ମାନସ ଜେନା ଥିବାବେଳେ ମାଁ ପାର୍ବତୀଙ୍କ ତରଫରୁ ପିତା ମାତା ଭାବେ ତନ୍ମୟୀ ପ୍ରଧାନ ଓ ଆଲୋକ କୁମାର ଡାକୁଆ ଦାୟିତ୍ୱ ତୁଲାଥିଲେ। ଏହି ବିବାହ କାର୍ଯ୍ୟରେ ପୌରାଧକ୍ଷା ସଂଯୁକ୍ତା ବେହେରା ଏବଂ ନବ ନିର୍ବାଚିତ ବିଧାୟକ ସାଗର ଦାସଙ୍କ ସମେତ ମନ୍ଦିର ପୂଜକ ଉଦ୍ଧବ ମୁନୀ, ବାବୁଲି ଆଚାର୍ଯ୍ୟ, ଇନ୍ଦ୍ରମଣୀ ଡାକୁଆ, କମିଟିର ସମସ୍ତ ସଦସ୍ୟ ମନମୋହନ ପ୍ରଧାନ, ସିଦ୍ଧାର୍ଥ ନାଏକ, ଇନ୍ଦ୍ରଜିତ ମହାଖୁଡ଼, ମାନସ ପ୍ରଧାନ, ନିରଞ୍ଜନ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଜୟରାମ ପ୍ରଧାନ, ଭଗବାନ ପ୍ରଧାନ ପ୍ରମୁଖ ସହଯୋଗ କରିଥଲେ।

## ବାଜା, ବାଣରେ ଦୁଲୁକିଲା ସହର

ସେହିପରି ବାଦୋପଲାସ୍ଥିତ ରାମେଶ୍ୱର ମହାଦେବ ମନ୍ଦିର ପରିସରରେ ମଧ୍ୟ ଶୀତଳଷଷ୍ଠୀ ମହା ଆଡମ୍ବର ସହକାରେ ଆୟୋଜିତ ହୋଇଛି। ଏଥିରେ ବର ପିତାମାତା ଭାରତୀ ପଣ୍ଡା ଓ ବିମ୍ବାଧର ପଣ୍ଡା ଥିବାବେଳେ କନ୍ୟା ପିତାମାତା ମୀନତି ବେହେରା ଓ ମନୋଜ କୁମାର ବେହେରା ସମ୍ପାଦନ କରିଥିଲେ। ସେହିପରି ପୂର୍ବ ପରମ୍ପରା ଅନୁଯାୟୀ ଭବାନୀ ଶଙ୍କର ମନ୍ଦିର ଶୀତଳଷଷ୍ଠୀ ଯାତ୍ରା ପାଳିତ ହୋଇଛି। ରାଜରାଜୁଡ଼ା ସମୟରୁ ଚାଲି ଆସିଥିବା ନୀତିକାନ୍ତି ଅନୁଯାୟୀ ବିରାଟ ଶୋଭାଯାତ୍ରାରେ କଳାହାଣ୍ଡି ରାଜାଙ୍କ ପ୍ୟାଲେସ ମଧ୍ୟକୁ ମା ପାର୍ବତୀଙ୍କ ତରଫରୁ ରାଜପରିବାର ସଦସ୍ୟ ମହାଦେବଙ୍କୁ ପାଛୋଟି ନେଇଥିଲେ। ବିବାହ କାର୍ଯ୍ୟ ସମ୍ପନ୍ନ ହେବାପରେ ଆସନ୍ତାକାଲି ସେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଭବାନୀପାଟଣା ସହରସ୍ଥିତ ଜଳେଶ୍ୱର ଶୈବ ପୀଠ ମଧ୍ୟ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଥିଲା। କନ୍ୟାପିତା ରୂପେ ପ୍ରସନ୍ନ ମିଶ୍ର ଓ ସୌଦାମିନୀ ମିଶ୍ର ସମସ୍ତ ଦାୟିତ୍ୱ ତୁଲାଇଥିବା ବେଳେ ବର ପିତାମାତା ପାଳଟିଥିଲେ ଅଭିଷିକ୍ତା ଦାସ ଓ ଅମିତ୍ ମହାନ୍ତି। ସବୁ ଶୈବପୀଠରୁ ବାହାରିଥିବା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲେ।









## ରେଳ ଓଭରବ୍ରିଜ୍ ନିକଟରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ

**ସଇଁତଳା, ୮।୬(ସମିସ):** ବଲାଙ୍ଗିର ଜିଲ୍ଲା ସଇଁନ୍ତଳା ବ୍ଲକ ଅନ୍ତର୍ଗତ ଜଳିଆଦରହ ଓ ଗୁର୍ଲ୍ଲାମାଲ ଗ୍ରାମକୁ ସଂଯୋଗ କରୁଥିବା ରେଲୱେ ଓଭର ବ୍ରିଜ ନିକଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ କରାଯାଇଛି। ଯୁବକ ଜଣକ ସୋମବାର ସକାଳେ ରେଲୱେ ଲାଇନରେ ଯାଉଥିବା ବେଳେ କୌଣସି କାରଣରୁ ଟ୍ରେନ୍‌ରୁ ପିଟି ହୋଇ ତଳକୁ ଖସିପଡ଼ିଥିବା ଜଣାପଡ଼ିଛି।



## ହୃଦ୍‌ଘାତରେ ଏଏସ୍‌ଆଇଙ୍କ ପରଲୋକ

**ବୀରମହାରାଜପୁର, ୧୦।୬ (ସମିସ):** ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତ ଟେଭାପଦର ଗ୍ରାମର ପଞ୍ଚୁ ବାଘ (୪୮)ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ସମ୍ବଲପୁର ବରେଇପାଲି ଥାନାରେ ଏଏସ୍‌ଆଇ ଥିଲେ। ହଠାତ ଅସୁସ୍ଥ ହୋଇପଡ଼ିବାରୁ ସମ୍ବଲପୁରର ଏକ ଘରୋଇ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା ୧୯୯୭ରେ ସେ ସୁବର୍ଣ୍ଣପୁର ଜିଲ୍ଲା ପୁଲିସରେ କନଷ୍ଟେବଲ ଭାବେ ଯୋଗ ଦେଇଥିଲେ। ଏଏସ୍‌ଆଇ ଭାବେ ୨୦୨୦ରେ ପଦୋନ୍ନତି ପରେ ସମ୍ବଲପୁର ବଦଳି ହୋଇଥିଲା। ତାଙ୍କ ସ୍ତ୍ରୀ ପ୍ରତିମା କୁଅଁର ବୀରମହାରାଜପୁର ବ୍ଲକ କୁଡ଼ାପଡ଼ା ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଏଏନଏମ ଭାବେ କର୍ଯ୍ୟ କରୁଛନ୍ତି।



## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଲୁହା ଖୁମ୍ବ

**ବାଉଁଶୁଣି, ୧୦।୬(ସମିସ):** ବୌଦ୍ଧ ବ୍ଲକ ତାଳସରଡ଼ା ପଞ୍ଚାୟତ ତାଳସରଡ଼ା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ଲୁହା ବିଦ୍ୟୁତ୍ ଖୁମ୍ବ ବିପଦସଂକୁଳ ଭାବେ ରହିଛି। ଏହାର ତଳ ପାର୍ଶ୍ୱରେ କଳଙ୍କି ଲାଗି ଯାଇଛି। ଏଣୁ ଏହା କୌଣସି ସମୟରେ ଭାଙ୍ଗିଯିବା ନିଶ୍ଚୟ; ଯାହା ଭୟ ସୃଷ୍ଟି କରିଛି। ଏ ବାବଦରେ ବିଦ୍ୟୁତ୍ ବିଭାଗ ଜାଣିଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ଖୁଣ୍ଟ ପରିବର୍ତ୍ତନ କରୁନି।



# ସବୁଜ ସୁବର୍ଣ୍ଣପୁର ଗଠନ ପାଇଁ ସଂକଳ୍ପ

**ସୋନପୁର, ୧୦।୬(ସମିସ):** ସବୁଜ ସୁବର୍ଣ୍ଣପୁର ଗଠନ ପାଇଁ ସହରର କିଛି ଉତ୍ସାହୀ ଯୁବକ ଅଣ୍ଟା ଭିଡିଛନ୍ତି। ସୋନପୁର ସହରରେ ଆଗାମୀ ଦିନରେ ବ୍ୟାପକ ଚାରା ରୋପଣ ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୋନପୁର ସହରରେ ବୃକ୍ଷନଷ୍ଟ ରୋକିବା, ଗ୍ରୀଷ୍ମ ତାପରୁ ରକ୍ଷା ପାଇଁ ସହରରେ ବ୍ୟାପକ ଚାରା ରୋପଣ, କେଉଁ କେଉଁ ସ୍ଥାନରେ ଚାରାରୋପଣ କରାଯିବ ସେଇ ସ୍ଥାନ ନିରୂପଣ, ଜନସାଧାରଣଙ୍କ ଭିତରେ ଚାରାରୋପଣ ପାଇଁ ସଚେତନତା ସୃଷ୍ଟି କରାଯିବା ନେଇ ଆଲୋଚନା ହୋଇଥିଲା। ସହରର ସମସ୍ତ ଜନସାଧାରଣଙ୍କ ସହିତ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ଏହି ଅଭିଯାନରେ ସାମିଲ କରାଯିବା ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଶ୍ୟାମାଓଁ ପ୍ରସାଦ ମିଶ୍ର, ତାପସ ବେଉରା ପ୍ରମୁଖ ଯୋଗଦେଇ ବିଶ୍ୱ ଉତ୍ତାପନ ହ୍ରାସ ପାଇଁ ଚାରାରୋପଣ ଏକ ମାତ୍ର ଉପାୟ ବୋଲି ମତ ପ୍ରକାଶ କରିଥିଲେ।



# ପୋଖରୀରୁ ପଙ୍କ ଉଦ୍ଧାର ବେଳେ ମିଳିଲା ପ୍ରାଚୀନ ମନ୍ଦିରର ଭଗ୍ନାବଶେଷ







**କୋମନା, ୧୦।୬(ସମିସ):** ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ଦେଉଳବନ୍ଧର ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ପୋଖରୀରୁ ପ୍ରାଚୀନ ମନ୍ଦିରର ଭଗ୍ନାବଶେଷ ମିଳିଛି। କୋମନା ତଥା ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ଦେଖିବା ପାଇଁ ଭିଡ଼ ଲାଗିଛି। ରାଜାରାଜୁଡା ଶାସନ ବେଳେ ଏହା ତିଆରି ହୋଇଥିବା ଅନୁମାନ କରାଯାଉଛି। ରକ୍ଷଣା ବେକ୍ଷଣ ଅଭାବ ଯୋଗୁଁ ପୋଖରୀଟି ପୋତି ହୋଇ ଯାଇଥିଲା। ଚଳିତ ବର୍ଷ କୋମନା ପଞ୍ଚାୟତ ସମିତି ଅଧକ୍ଷା ଅନୁସୁୟା କୁମ୍ଭାର ପଙ୍କ ଉଦ୍ଧାର କରିବା ପାଇଁ ଯୋଜନା କରି କିଛି ଦିନ ପୂର୍ବରୁ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଖନନ ବେଳେ ସୋମବାର ମଧ୍ୟାହ୍ନରେ ପୋଖରୀର ମଧ୍ୟଭାଗରେ ଏକ ଭଙ୍ଗା ଦଦରା ମନ୍ଦିର ଏବଂ ଚୂଳରେ ତ୍ରିଶୂଳ, ଭଙ୍ଗା ମାଠିଆ, ଲୁହା ଖଣ୍ଡା ଓ ତମ୍ବାରେ ତିଆରି ବିଭିନ୍ନ ପୂଜା ସାମଗ୍ରୀ ଦେଖିବାକୁ ମିଳିଥିଲା।

# ସବୁଜିମାରେ ହସିବ ବଲାଙ୍ଗିର

**ବଲାଙ୍ଗିର, ୧୦।୬(ସମିସ):** ସ୍ଥାନୀୟ ଶ୍ରମିକ ଭବନ ପରିସରରେ ବିଙ୍ଗ ହ୍ୟୁମେନ ଫାଉଣ୍ଡେସନର ପ୍ରତିଷ୍ଠାତା ସୋମନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ସବୁଜ ବଲାଙ୍ଗିର ଓ ରକ୍ତଦାନ ଶିବିର ପାଇଁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ୪୬ ଡିଗ୍ରୀ ଉପରେ ବଲାଙ୍ଗିର ଜିଲ୍ଲା ତାପମାତ୍ରା ରହି ଆସୁଥିବା ବେଳେ ସୋମବାର ସନ୍ଧ୍ୟା ୬ଟା ପରେ ମଧ ତାତିରୁ ମୁକ୍ତି ମିଳିପାରିନାହିଁ। ପ୍ରବଳ ମାତ୍ରାରେ ବଢ଼ୁଥିବା ଉତ୍ତାପକୁ ପ୍ରତିରୋଧ କରିବା ପାଇଁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ବିଙ୍ଗ ହ୍ୟୁମେନ ପକ୍ଷରୁ ଚାରା ରୋପଣ କରାଯିବାକୁ ଗୁରୁତ୍ୱାରୋପ କରାଯାଇଛି। ମୁକୁଟ ବିହୀନ ଶ୍ରମିକ ସମ୍ରାଟ ସ୍ୱର୍ଗତ ବିଶିଷ୍ଟ ସମାଜସେବୀ ଲଳିତ ନାୟକଙ୍କ ମାର୍ଗଦର୍ଶନରେ ରକ୍ତଦାନ ଭଳି ପୂଣ୍ୟ ପଥର ପଥିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ସାହାଯ୍ୟ ସହଯୋଗ ଗରିବ, ନିଷ୍ପେଶିତ, ଅବହେଳିତ ତଥା ଜରୁରୀ ଥିବା ଲୋକଙ୍କୁ ଯୋଗାଇ ଆସୁଛନ୍ତି। ଏହାକୁ ଆହୁରି ବ୍ୟାପକ କରାଯିବାକୁ ସଭାରେ ମତପ୍ରକାଶ ପାଇଥିଲା। ପ୍ରାରମ୍ଭରେ ସ୍ୱର୍ଗତ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଶାଖାର ସଂଯୋଜକ ସଂଯୋଜିକା, ଅନୁଷ୍ଠାନ ସକ୍ରିୟ ସଦସ୍ୟ ମୁକେଶ ପଧାନ, ବୁଲୁ ମହାକୁର, ବୀରେନ୍ଦ୍ର ସାହୁ, ଅମରେଶ ଖେତୀ, କୁନାଲ ସରକାର, ବିଜୟ ସା, କନ୍ଦର୍ପ ରଣା, ଶକ୍ତି ଅମାତ, ବିକୁ ଦଲାଇ, ତପନ ଜାଲ, ଘନ ପଶାୟତ, ପଞ୍ଚାନନ ପଟ୍ଟନାୟକ, ପ୍ରଶାନ୍ତ ନେଗୀ, ସୋନୁ ମହାକୁର, ଆକାଶ ସାହୁ, ଅଲେଖ ସାହୁ, ଅନିଲ ନାଏକ, ରାଜେଶ ପ୍ରଧାନ, ଅନିଲ ରଣା, ମହିଳା ଶାଖାର ରୂପା ଦାଶ, ସୁନିତା ବେହେରା, ରିଙ୍କି ସାହୁ, ପ୍ରିୟା ମିଶ୍ର, ଶିବାନୀ ଜାଲ, ଶିବାନୀ ମହାପାତ୍ର, ମାନସୀ ନନ୍ଦ, ସୁଧୀର ଅମାତ, ପ୍ରେମରାଜ ପଧାନ ଓ ରିଙ୍କୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




# ନୂତନ ଅଧିନିୟମନ ଅପରାଧିକ ଆଇନ ଦକ୍ଷତା ବୃଦ୍ଧି ତାଲିମ



**ମନମୁଣ୍ଡା, ୧୦।୬(ସମିସ):** କଟକସ୍ଥିତ ଓଡ଼ିଶା ଜୁଡ଼ିସିଆଲ ଏକାଡେମିରେ ୨ ଦିନ ଧରି ଅପରାଧିକ ଆଇନ ଅଧିନିୟମନ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରୁ ଏଥିପାଇଁ ୩୦ ଜଣ ଉତ୍କୃଷ୍ଟ କ୍ୟାଡ଼ର ଓକିଲଙ୍କୁ ମନୋନୀତ କରାଯାଇଥିଲା। ଜୁଲାଇ ୧ରୁ କାର୍ଯ୍ୟକାରୀ ହେବାକୁ ଯାଉଥିବା 'ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ' ସମ୍ପର୍କରେ ଏଥିରେ ସରକାରୀ ଓକିଲମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଅବସରରେ ରାଜ୍ୟସ୍ତରରେ ଜେଏମ୍‌ଏଫ୍‌ସି ଅଦାଲତଗୁଡ଼ିକରେ ହୋଇଥିବା ଉତ୍କୃଷ୍ଟ ଦଣ୍ଡ ବିଧାନର ହାର ନିମନ୍ତେ କନ୍ଧମାଳ ଜେଏମଏଫ୍‌ସି କୋର୍ଟର କ୍ୟାଡ଼ର ସରକାରୀ ଓକିଲ ସାଇ ରଞ୍ଜନ ମହାନନ୍ଦିଆଙ୍କୁ ଏହି କର୍ମଶାଳାକୁ ମନୋନୀତ କରାଯାଇଥିଲା। ବୌଦ୍ଧ ଜିଲ୍ଲାରୁ ସେ ଏକମାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ। ଶ୍ରୀ ମହାନନ୍ଦିଆ କନ୍ଧମାଳ ଜେଏମଏଫ୍‌ସିରେ ଯୋଗ ଦେବା ପରଠାରୁ ରେକର୍ଡ ସଂଖ୍ୟକ ଫୌଜଦାରୀ ଦଣ୍ଡବିଧାନ ହୋଇ ପାରିଛି। କର୍ମଶାଳାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ବୃତ୍ତିଗତ ଦକ୍ଷତା, ନିଷ୍ଠା ଓ ସାଧୁତାକୁ ପ୍ରଶଂସା କରାଯାଇଥିଲା। କ୍ୟାଡ଼ର ଏପିପି ଶ୍ରୀ ମହାନନ୍ଦିଆ କନ୍ଧମାଳ କୋର୍ଟ ଆସିବା ପରେ ତାଙ୍କର ନିଷ୍ଠାପର ଓ ଉତ୍ସର୍ଗିକୃତ ବୃତ୍ତିଗତ ସେବା ନିମନ୍ତେ ଜେଏମଏଫ୍‌ସି ସତ୍ୟନାରାୟଣ ଦାଶ ତାଙ୍କୁ ସମ୍ବର୍ଦ୍ଧିତ କରି ତାଙ୍କ ନିଷ୍ଠାପରତାକୁ ପ୍ରଶଂସା କରିଥିଲେ। ସେହିପରି କନ୍ଧମାଳ ଓକିଲ ସଂଘର ସଦସ୍ୟମାନେ ମଧ ଶ୍ରୀ ମହାନନ୍ଦିଆଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ପୁଣି ବଢ଼ିବ ତାତି; ୫ ଦିନ ହେବ ପ୍ରବଳ ଗ୍ରୀଷ୍ମପ୍ରବାହ

## ସତର୍କ ଓ ସଜାଗ ରହିବାକୁ ଜିଲ୍ଲାପାଳଙ୍କୁ ଏସ୍‌ଆରସିଙ୍କ ନିର୍ଦ୍ଦେଶ

**ବଲାଙ୍ଗିର, ୧୦।୬(ସମିସ)**

ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳିରୁ ମିଳିନି ବଲାଙ୍ଗିରବାସୀଙ୍କୁ ତ୍ରାହୀ। ଆସନ୍ତା ୫ ଦିନ ଆହୁରି ତାପମାତ୍ରା ବଢ଼ିବ ବୋଲି ପାଣିପାଗ ବିଭାଗ ଆକଳନ କରିବା ପରେ ଏସ୍‌ଆରସି ପକ୍ଷରୁ ସତର୍କ ରହିବା ପାଇଁ ବଲାଙ୍ଗିର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ଏହି ପାଞ୍ଚ ଦିନ ଭିତରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ବଢ଼ିପାରେ ବୋଲି ପାଣିପାଗ ବିଭାଗ ଆଶଙ୍କା କରିଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ସମ୍ପୂର୍ଣ୍ଣ ଭାବେ ସତର୍କ ଓ ପ୍ରସ୍ତୁତ ରହିବାକୁ ଏସ୍‌ଆରସି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଜିଲ୍ଲାରେ ଚଳିତ ବର୍ଷ ଅନ୍ୟ ବର୍ଷ ତୁଳନାରେ ଗ୍ରୀଷ୍ମ ପ୍ରବାହ ରେକର୍ଡ କରିଛି। କିଛି ଦିନ ପୂର୍ବରୁ ଜିଲ୍ଲାରେ ତାପାମାତ୍ରା ୪୬ ଡିଗ୍ରୀ ଡେଇଁଥିଲା। ଗତ କିଛି ଦିନ ହେଲା ତାପମାତ୍ରା କମିଥିବା ବେଳେ ଗୁଳୁଗୁଳି ବୃଦ୍ଧି ପାଇଛି। ଗୋଟିଏ ପଟେ ମୌସୁମୀ ବାୟୁ କେରଳ ଛୁଇଁଥିବା ବେଳେ ସମ୍ଭାବ୍ୟ ବର୍ଷାକୁ ନେଇ ବଲାଙ୍ଗିରବାସୀ କିଛିଟା ଆଶ୍ୱସ୍ତି ଅନୁଭବ କରିଥିବା ବେଳେ ପାଣିପାଗ ବିଭାଗ ପୂର୍ବାନୁମାନ ସମ୍ଭାବ୍ୟ ମୌସୁମୀ ବର୍ଷାକୁ ଆହୁରି ଅପେକ୍ଷା କରିବାକୁ ପଡ଼ିବ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ଆସନ୍ତା ୫ ଦିନ ବଲାଙ୍ଗିର ଜିଲ୍ଲା ସମେତ ପଶ୍ଚିମ ଓଡ଼ିଶାର ଅନ୍ୟ ଜିଲ୍ଲା ମାନଙ୍କରେ ତାପମାତ୍ରା ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରିଛି। ତାପମାତ୍ରା ପୁଣି ପ୍ରାୟ ୪୫ ଡିଗ୍ରୀ ଡେଇଁବାର ତାତି ବଢ଼ିବାର ସମ୍ଭାବନା ରହିଛି। ଖରା ବଢ଼ିବା ସାଙ୍ଗକୁ ଲୋକଙ୍କ ସତର୍କତା ନିହାତି ଆବଶ୍ୟକତା ରହିଥିବା ବେଳେ ଜିଲ୍ଲାବାସୀଙ୍କୁ ସତର୍କ କରାଇବା ଓ ଯେକୌଣସି ପରିସ୍ଥିତି ପାଇଁ ସବୁବେଳେ ପ୍ରସ୍ତୁତ ରହିବାକୁ ଏସଆରସି ବଲାଙ୍ଗିର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ କିଛି ଦିନ ତଳେ ଏହିଭଳି ଗ୍ରୀଷ୍ମ ପ୍ରବାହ ବଢ଼ିବା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ ସତ ହୋଇଥିଲା। ଏହି ଗ୍ରୀଷ୍ମ ପ୍ରବାହରେ ଜିଲ୍ଲାର ଅନେକ ଅଂଶୁଘାତରେ ମୃତ୍ୟୁବରଣ କରିଥିଲେ। ଏପରିକି ଡାକ୍ତରଖାନାରେ ଅଂଶୁଘାତ ଜନିତ ଅସୁସ୍ଥଙ୍କ ସଂଖ୍ୟା ମଧ ହଠାତ ବୃଦ୍ଧି ପାଇଥିଲା। ତେବେ ପୁଣି ଏହିଭଳି ସତର୍କତା ଜାରି ହେବା ପରେ ପୂର୍ବ ସ୍ଥିତି ଯେମିତି ନ ଉପୁଜିବ ସେଦିଗରେ ପ୍ରଶାସନ ସଜାଗ ରହିବାର ଅବଶ୍ୟକତା ରହିଛି। ଡାକ୍ତରଖାନାଗୁଡ଼ିକରେ ସମସ୍ତ ବ୍ୟବସ୍ଥା କରିବା ସହ ଲୋକଙ୍କୁ ସଚେତନ କରିବା ପାଇଁ ଏସଆରସି ନିର୍ଦ୍ଦେଶ ଦେଇଥିବା ଜଣାପଡେ଼ଛି।




# ଡେଙ୍ଗ ପଞ୍ଚାୟତରେ ଅଯୋଗ୍ୟ ହାତେଇଛନ୍ତି ଅନ୍ତ୍ୟୋଦୟ

**ସଇନ୍ତଳା, ୧୦।୬ (ସମିସ):** ନିରୀହ, ଅସହାୟ ବୃଦ୍ଧବୃଦ୍ଧାଙ୍କ ପାଇଁ ଅନ୍ତୋଦୟ ଯୋଜନା ରେ ୩୫ କେଜି ଚାଉଳ ଦେବାର ବ୍ୟବସ୍ଥା ରହିଛି। ହେଲେ ସଇଁତଳା ବ୍ଲକ ଡେଙ୍ଗ ପଞ୍ଚାୟତରେ ଅଯୋଗ୍ୟ ହିତାଧିକାରୀ ଅନ୍ତୋଦୟ କାର୍ଡ ହାତେଇଥିବା ଅଭିଯୋଗ ହେଉଛି। ସୂଚନାନୁଯାୟୀ, ଡେଙ୍ଗ ପଞ୍ଚୟତରେ ୧୧ଟି ୱାର୍ଡ ଥିବାବେଳେ ୬ ଖଣ୍ଡ ଗାଁ ରହିଛି। ଏଥିରେ ଅନ୍ନପୂର୍ଣ୍ଣା ଯୋଜନାରେ ୩ ଜଣ ହିତାଧିକାରୀ ଥିବାବେଳେ ୧୦୫ ଜଣ ଅନ୍ତୋଦୟ କାର୍ଡ ଧାରୀ ରହିଛନ୍ତି। ସେଥିରୁ ଅନେକ ଅଯୋଗ୍ୟ ହିତାଧିକାରୀ ଯୋଗାଣ ବିଭାଗ ଶହ ଶଲାସୁତୁରା କରି ପ୍ରାୟ ୬୦ ଜଣ ଅଯୋଗ୍ୟ ଲୋକ ତାଙ୍କ ଦୁଇ ମହଲା ଘର ଥାଇ ମଧ ଅନ୍ତୋଦୟ କାର୍ଡ ହାତେଇ ୩୫ କେଜି ଚାଉଳ ନେଉଥିବା ଅଭିଯୋଗ ହୋଇଛି। ଏନେଇ ଡେଙ୍ଗ ସରପଞ୍ଚ ଇତିଶ୍ରୀ ସାହୁ ଓ ପିଇଓ ଅକ୍ଷୟ କୁମାର ମହାନ୍ତିଙ୍କୁ ପଚାରିବାରୁ ୬ ମାସ ତଳେ ବ୍ଲକ ଯୋଗାଣ ଅଧିକାରୀଙ୍କୁ ତଦନ୍ତ କରି ଅଯୋଗ୍ୟଙ୍କୁ କାଟି ଯୋଗ୍ୟଙ୍କୁ ଅନ୍ତୋଦୟ ଯୋଜନାରେ ସାମିଲ କରିବା ପାଇଁ ପଞ୍ଚୟତ ବୈଠକରେ ପ୍ରସ୍ତାବ ଗୃହୀତ ହେଲାପରେ ଏକ କିତା ନକଲି କପି ଯୋଗାଣ ବିଭାଗକୁ ଦିଆଯାଇଥିବା କହିଛନ୍ତି। ୬ ମାସ ହେଲା କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ କରିଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ତଦନ୍ତ କରିବାକୁ ଦାବି ହେଉଛି। ଏନେଇ ବ୍ଲକ ଯୋଗାଣ ଅଧିକାରୀ ପଦ୍ମଲୋଚନ ମାଝୀଙ୍କୁ ପଚାରିବାରେ ସେ ବ୍ୟସ୍ତଥିବା କହି ଫୋନ କାଟି ଦେଇଥିଲେ। ପରେ ଟିଟିଲାଗଡ଼ ଏସ୍‌ସିଏସ୍‌ଓ ଶଙ୍କର୍ଷଣ ଭୁଏଙ୍କୁ ଯୋଗାଯୋଗ କରିଥିଲେ ମଧ ସେ ଫୋନଗ୍ରହଣ କରିନଥିଲେ।



